## ସଂକ୍ଷେପରେ

### ରକ୍ଷାକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରେମୁଣା, ୧୨।୫(ଡି.ଏନ.ଏ.): ରେମୁଣା ବ୍ଲକ ବରୁଣସିଂସ୍ଥିତ ମାଳଗାଁରେ ମା' ରକ୍ଷା କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ଗାଁର ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ଗାଁ ପରିକ୍ରମା କରିବା ବେଳେ ଗ୍ରାମବାସୀ ଶଙ୍ଖ ହୁଳୁହୁଳି ଦେଇ ସ୍ୱାଗତ କରିଥିଲେ। ଗାଁ ପୋଖରୀରୁ ଘଟ ବୁଡାଇ ମନ୍ଦିର ପ୍ରତ୍ୟାବର୍ତ୍ତନ ପରେ ଘଟ ସ୍ଥାପନା କରାଯାଇଥିଲା । ପରେ ମା'ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । କର୍ତ୍ତାକର୍ତ୍ତା ଭାବେ ବିଶ୍ୱନାଥ ପ୍ରଧାନ, ଜୟନ୍ତୀ ପ୍ରଧାନ, ରବୀନ୍ଦ୍ର ମହାକୁଡ ଏବଂ ଲଳିତା ମହାକୁଡ ଥିବା ବେଳେ ନରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ମହାନ୍ତି, ହୃଦାନନ୍ଦ ମହାନ୍ତି, ଦୁର୍ଯ୍ୟଧନ ମହାନ୍ତି, ବସନ୍ତ ମହାନ୍ତି, ପୁରୁଷୋତ୍ତମ ପ୍ରଧାନ, ବାବୁରାମ ପ୍ରଧାନ, ନାରାୟଣ ମହାନ୍ତି, କବିତା ମହାନ୍ତି, ପ୍ରମିଳା ପରିଡା, ରୀତା ପ୍ରଧାନ, ଗୀତା ପ୍ରଧାନ, ଲତା ପ୍ରଧାନ, ଛବି ପ୍ରଧାନ, ସୁମିତ୍ରା ମହାନ୍ତି, ସୁଭଦ୍ରା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଆବାଳ ବୃଦ୍ଧ ବନିତା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ।

### ଆନ୍ତର୍ଜାତିକ ଉଠାଦୋକାନୀ ଦିବସ ପାଳନ ପାଇଁ ପ୍ରସ୍ତୁତି

ବାଲେଶ୍ୱର ଅଫିସ,୧୨।୫: ଆନ୍ତର୍ଜାତିକ ଉଠାଦୋକାନୀ ଦିବସ ଆସନ୍ତା ୨୬ ତାରିଖରେ ପାଳନ କରାଯିବ। ଏହି ଦିବସକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିବା ଲାଗି ବାଲେଶ୍ୱର ଉଠାଦୋକାନୀ ସଂଘ ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଶନିବାର ବସିଥିବା ପ୍ରସ୍ତୁତି ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏହି ଦିବସ ପାଳନ ଅବସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଉଠାଦୋକାନ ବନ୍ଦ ରହିବ। ସେଦିନ ପୂର୍ବାହ୍ନରେ ବାଲେଶ୍ୱର ଗୋଲ୍ଡେନ୍ ଜୁବିଲି ଶପିଂ କମ୍ପ୍ଲେକ୍ସର ଉପର ମହଲା ଉଠାଦୋକାନୀ ସମ୍ମିଳନୀ କକ୍ଷରେ ଉତ୍ସବ ପାଳନ କରାଯିବ। 'ଫନୀ' ବାତ୍ୟାରେ ପୀଡ଼ିତଙ୍କୁ ସହାୟତା ନିମନ୍ତେ ବାଲେଶ୍ୱର ପଥବିକ୍ରେତା ସଂଘ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଇ ସରକାରଙ୍କ ରିଲିଫ ପାଣ୍ଠିରେ ଦାଖଲ କରାଯିବ। ୨୭ ତାରିଖରେ ସହରର ଉଠାଦୋକାନୀମାନେ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଜରିଆରେ 'ଫନୀ' ଲାଗି ରିଲିଫ ପାଣ୍ଠିକୁ ସହାୟତା ପ୍ରଦାନ କରିବେ। ଏଥିସହିତ ଉଠାଦୋକାନୀଙ୍କ ଲାଗି କେନ୍ଦ୍ରୀୟ ଆଇନ କାର୍ଯ୍ୟକାରୀ କରାଯିବା, ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ, ଉଠାଦୋକାନୀଙ୍କ ସାମାଜିକ ନିରାପତ୍ତା ପାଇଁ 'ଉଠାଦୋକାନୀ ମଙ୍ଗଳ ବୋର୍ଡ' ଗଠନ ଆଦି ଦାବି ନେଇ ଦୋକାନୀମାନେ ଜିଲାପାଳଙ୍କୁ ସାକ୍ଷାତ କରି ପ୍ରସ୍ତାବ ଉପସ୍ଥାପନ କରିବାକୁ ବୈଠକରେ ସ୍ଥିର ହୋଇଥିଲା।

## ■ ରେଳ ଓଭରବ୍ରିଜ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ସରଜମିନ୍ ତଦନ୍ତ କଲେ ଏସ୍ଇ

ଜଳେଶ୍ୱର, ୧୨।୫(ଡି.ଏନ.ଏ.)

୫୭ ନଂ. ରାଜ୍ୟ ରାଜପଥ ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ମଧ୍ୟ ଦେଇଯାଇଥିବା ଦକ୍ଷିଣପୂର୍ବ ରେଳପଥର ଜଳେଶ୍ୱର ସହର ନୂଆବଜାରସ୍ଥିତ ବାଟଗ୍ରାମ ରେଳ ଲେଭଲକ୍ରସିଂଠାରେ ରେଳ ଓଭରବ୍ରିଜ୍ ନିର୍ମାଣରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୩୯କୋଟି ୮୮ଲକ୍ଷ ୯୪ହଜାର ୩୨୦ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ଅନୁମୋଦିତ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଆଦେଶ ପାଇଥିବା ଏକ କନଷ୍ଟ୍ରକସନ କମ୍ପାନୀ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଜନସାଧାରଣ ଅଭିଯୋଗ ଆଣିଛନ୍ତି। ଏହି କାମ ଦିନରେ ନ ହୋଇ ରାତି ସମୟରେ କରାଯାଉଥିବାରୁ ସମସ୍ତଙ୍କୁ ସନ୍ଦେହରେ ପକାଇଛି। ପ୍ରକଳ୍ପର ରୂପରେଖ ଅନୁଯାୟୀ କାର୍ଯ୍ୟ କରାଯାଉନାହିଁ। ଏପରିକି ନାମଫଳକ ଓ ନକ୍ସା ମଧ୍ୟ ଲଗାଯାଇନାହିଁ। ଏହି ପ୍ରକଳ୍ପର ସ୍ଥାୟିତ୍ୱ ଏବଂ ଧନଜୀବନ ସୁରକ୍ଷାକୁ ନେଇ ସାମାଜିକ କର୍ମୀ କୁମାରକୃଷ୍ଣ କର ଓ ମଦନମୋହନ କର ପ୍ରଶ୍ନ ଉଠାଇଛନ୍ତି।

ଅଭିଯୋଗ ପାଇ ରବିବାର ଛୁଟିଦିନ ଥିଲେ ମଧ୍ୟ ପୂର୍ତ୍ତବିଭାଗ (ଆର ଆଣ୍ଡ ବି)ର ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ)ଇଂ. ସଞ୍ଜୀବ କୁମାର ମହାନ୍ତି ସ୍ଥାନୀୟ ସହକାରୀ ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ସେଠୀ, କନିଷ୍ଠଯନ୍ତ୍ରୀ ନିହାରକାନ୍ତି ବେହେରାଙ୍କୁ ସଙ୍ଗରେ ନେଇ ପ୍ରକଳ୍ପ ନିର୍ମାଣସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ଇଂ. ଅକ୍ଷୟ କର, କଳ୍ପିତାରାଣୀ ସାହୁ, ପୂର୍ବତନ ଉପନଗରପାଳ ମିହିର ଦାସ, ଦୁଲାଲ ଦାସ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ଗୁରୁପ୍ରସାଦ ଅଣ୍ଡିଆ, ସତ୍ୟଜିତ ପ୍ରଧାନ, ତପନ କର, ଚନ୍ଦନ କର, ସୁବ୍ରତ ଘୋଷ, ଫାଲ୍‌ଗୁନୀ ପାଣିଗ୍ରାହୀ, ଅଞ୍ଜନ ଦାସ, ମନୋଜ ଦାସ, ଅନନ୍ତ ଦାସ ପ୍ରମୁଖ ଶତାଧିକ ଜନସାଧାରଣ ଏସ୍ଇଙ୍କୁ ଘେରିଯାଇଥିଲେ। ସେମାନେ ଦୁର୍ନୀତିର ତଦନ୍ତ କରି ଠିକାଦାରୀ ସଂସ୍ଥା ବିରୋଧରେ ଆଇନଗତ ପଦକ୍ଷେପ ନେବା ପାଇଁ ଦୃଢ଼ ଦାବି କରିଥିଲେ। ଧନଜୀବନ ସୁରକ୍ଷା ନିମନ୍ତେ ଉକ୍ତ ନିର୍ମାଣକାରୀ ସଂସ୍ଥାକୁ କଳାତାଲିକାଭୁକ୍ତ କରି ନିର୍ମାଣ କାର୍ଯ୍ୟରୁ ତୁରନ୍ତ ହଟାଇବା ପାଇଁ ମଧ୍ୟ ଦାବି କରିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ଜନସାଧାରଣ ଅଡ଼ି ବସିଥିଲେ। ଏଥିସହିତ ପ୍ରକଳ୍ପ ସ୍ଥାନରେ ପାଣି ନିଷ୍କାସନ, ଓସାରିଆ ସ୍ଥାୟୀ ଡାଇଭର୍ସନ ରାସ୍ତା ନିର୍ମାଣ ଲାଗି ଦାବି ହୋଇଛି। ଚୁକ୍ତିନାମା ଅନୁଯାୟୀ ରେଳ ଓଭରବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଗତ ସେପ୍ଟେମ୍ବର ୧୧ରୁ ଆରମ୍ଭ ହୋଇ ଆସନ୍ତା ୨୦୨୦ ସେପ୍ଟେମ୍ବର ୧୦ରେ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏସ୍ଇ ମହାନ୍ତିଙ୍କୁ ଜନସାଧାରଣଙ୍କ ଅଭିଯୋଗ ବିଷୟରେ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗର ବିଭାଗୀୟ ତଦନ୍ତ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।



ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟର ତଦନ୍ତ କରାଯାଉଛି।

## ସୋର ଟ୍ରକ୍ ମାଲିକ ସଂଘ ପଠାଇଲା ୧୧ ଟ୍ରକ୍

ସୋର, ୧୨।୫(ଡି.ଏନ.ଏ.)

ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ପରିବହନ ଓ ବିଦ୍ୟୁତ୍ ସରଞ୍ଜାମ ପରିବହନ ନିମନ୍ତେ ସୋର ମାଲିକ ସଂଘ ୧୧ ଟ୍ରକ ଭୁବନେଶ୍ୱର ଓ ପୁରୀ ଅଭିମୁଖେ ପଠାଇଛନ୍ତି। ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଓ ଆର୍‌ଟିଓଙ୍କ ପରାମର୍ଶକ୍ରମେ ପଠାଯିବା ସହିତ ବିନା ଅର୍ଥରେ କାର୍ଯ୍ୟ କରିବେ ବୋଲି ଟ୍ରକ୍ ମାଲିକ ସଂଘ ତରଫରୁ କୁହାଯାଇଛି।

**ପ୍ରଥମ ମାସିକିଆ ପୂଜା**



BIDYAKSHI (PARI)
ଆଜି ତୋର ପ୍ରଥମ ମାସିକିଆ ପୂଜାରେ ଶ୍ରୀମା ଶ୍ରୀଅରବିନ୍ଦ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ଆଈ, ଗୁଡୁ ମାସୀ, ଡାଏନା ମାସୀ, ମାମା, ପାପା ଓ ପରିବାରବର୍ଗ ।

## ଦ୍ୱିତୀକୃଷ୍ଣ ଥିଲେ ଆଦର୍ଶ ଜନନାୟକ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୧୨।୫

ଓଡ଼ିଶାର ବିଶିଷ୍ଟ ସାମ୍ୟବାଦୀ ନେତା ତଥା ପୂର୍ବତନ ଏମ୍‌ପି ଦ୍ୱିତୀକୃଷ୍ଣ ପଣ୍ଡା ଥିଲେ ଜଣେ ଆଦର୍ଶ ଜନନାୟକ। ତାଙ୍କ ପ୍ରତିନିଧିତ୍ୱ କାଳରେ ସେ ଜନସାଧାରଣଙ୍କ ହକ୍ ପାଇଁ ବିଧାନସଭା ଓ ସଂସଦରେ ସଂଗ୍ରାମ ଜାରି ରଖିଥିଲେ। ସେ ଏକାଧାରରେ ଜଣେ ରାଜନେତା, ଆଇନଜୀବୀ, ଶ୍ରମିକନେତା ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଆଦର୍ଶ ଓ ସାମ୍ୟବାଦୀ ଚିନ୍ତାଧାରା ବର୍ତ୍ତମାନ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା ଏଆଇଟିୟୁସି ତରଫରୁ ରବିବାର ଉଠାଜଳସେଚନ କର୍ମଚାରୀ ଭବନରେ ପୂର୍ବତନ ଏମ୍‌ପି ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାଗବତ ପ୍ରତିହାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଅରୁଣ ଦେ ଓ ପ୍ରଦୀପ୍ତ ପଣ୍ଡା, ରବୀନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ପଣ୍ଡା, ରାଧାରମଣ ଷଡ଼ଙ୍ଗୀ, ଗୌରୀ ଦାସ, ଶିଶିର ହୁଇ, ସନ୍ଧ୍ୟା ଦାସ ମଜୁମ୍‌ଦାର, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ଓ ନିରଞ୍ଜନ ପରିଡ଼ା, ଅରୁଣ ଜେନା, ଯଶୋଦା ନନ୍ଦନ ଆସ ପ୍ରମୁଖ ବିଭିନ୍ନ ଗଣସଙ୍ଗଠନ ଓ ଶ୍ରମିକ ସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ସହ ସମ୍ମାନ ଜଣାଇଥିଲେ। ଜିଲା ସମ୍ପାଦକ ମାୟାଧର ନାୟକ ଅତିଥି ଓ ବକ୍ତାମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇ ପଣ୍ଡାଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ।

## ଅସହ୍ୟ ତାତି: ଜନଜୀବନ ଅସ୍ତବ୍ୟସ୍ତ

ଭୋଗରାଇ, ୧୨।୫(ଡି.ଏନ.ଏ.)

ବାତ୍ୟା 'ଫନୀ' ପରେ ଅସହ୍ୟ ଖରା ତାତି ଅନୁଭୂତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାଲେଶ୍ୱର ଜିଲାରେ ୪ଦିନ ଧରି ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଘରେ ମଧ୍ୟ ବସି ଉଠି ହେଉନାହିଁ। ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ପଞ୍ଚାୟତସ୍ତରରେ ଆବଶ୍ୟକ ଜଳଛତ୍ର ଖୋଲାଯାଇ ନ ଥିବାରୁ ପଥଚାରୀମାନେ ପାଣି ପାଇଁ ତ୍ରାହିତ୍ରାହି ହେଉଛନ୍ତି। ମୁଣ୍ଡଫଟା ଖରା ଯୋଗୁ ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର, ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**Birthday Wish**



Thanks for coming in my life
*Happy Birthday* my Princess
**(Pragyan)**
Best Complements from
Raj and Family
D-12464

**ପଞ୍ଚମ ଜନ୍ମଦିନ ଶୁଭେଚ୍ଛା**



ଦେବସ୍ମିତା ସାହୁ
ଶିରିପୁର, ଭୁବନେଶ୍ୱର
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଲାପଥ ପୁଷ୍ପିତ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାରବର୍ଗ
ଧ-୧୨୪୭୩

## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ବାଲେଶ୍ୱର ଅଫିସ, ୧୨।୫

ବାଲେଶ୍ୱରର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ନାଚ୍ ଆନୁକୂଲ୍ୟରେ ଶିଶୁ ନୃତ୍ୟଶିଳ୍ପୀଙ୍କ ପାଇଁ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଯୋଗ, ନୃତ୍ୟ, ଗୀତ, ର୍ୟାମ୍ପ ୱାକ୍, କ୍ରାଫ୍ଟ ୱାର୍କ, ମଡ୍ଲେିଂ, ସଫ୍ଟ ସ୍କିଲ୍ ଡେଭେଲପ୍‌ମେଣ୍ଟ, ଚିତ୍ରକଳା, ଷ୍ଟୋରି ଟେଲିଙ୍ଗ ଏବଂ ସୋସିଆଲ ଫୁଡ୍ ଉଇଥ୍‌ଆଉଟ୍ ଫାୟାର ଆଦି ବିଭିନ୍ନ ବିଷୟରେ ପିଲାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଦିବସରେ କବି ଶ୍ରୀଦେବ, ରଞ୍ଜନ ବାଗ୍, ସତ୍ୟମ୍ ମିଶ୍ର, ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆ, ସନ୍ତୋଷ ଖଟୁଆ, ମରୁତ ରାଉତ, କଣ୍ଠଶିଳ୍ପୀ ସରତ ଦାସ, ଅଦ୍ୱୈତ କୁମାର ପଣ୍ଡା, ଲେଖିକା ନମିତା ପଣ୍ଡା, ଯୋଗଗୁରୁ ସକାଶ ଦାସ ଏବଂ ଖବରଦାତା ଶଶିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ନୃତ୍ୟଗୁରୁ ଏସ୍. କେ. ରାଜା ଶିଖାଇଥିବା ନୃତ୍ୟ ପିଲାମାନେ ପରିବେଷଣ କରିଥିଲେ।

## ଝାଉଁକାଠ ଚୋରାଚାଲାଣ ବେଳେ ଧରିଲେ ଗ୍ରାମବାସୀ

ବାହାନଗା, ୧୨।୫(ଡି.ଏନ.ଏ.)

ବାହାନଗା ବ୍ଲକ ବରିପଦା ଓ କଲ୍ୟାଣି ପଞ୍ଚାୟତର ଭିଲ୍ଲାଆଡ଼ିଆ ଓ ଅଟାସପୁର ଗ୍ରାମର ସମୁଦ୍ର କୂଳରେ ଥିବା ଝାଉଁ ଜଙ୍ଗଲରୁ କାଠ ହାଣି ଚୋରା ଚାଲାଣ କରାଯାଉଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଜବତ କରାଯାଇଛି। ଏ ଦିଗରେ ବିଭାଗୀୟ କର୍ମଚାରୀ ନୀରବ ରହିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ କଲ୍ୟାଣି ଓ ବରିପଦା ପଞ୍ଚାୟତରେ ଥିବା ଝାଉଁ ଜଙ୍ଗଲରୁ କାଠ ମାଫିଆ ଓ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନେ ସ୍ପଷ୍ଟ ଦିବାଲୋକରେ ଝାଉଁ ଗଛ ହାଣି ଚୋରାରେ ବିକ୍ରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁ ନ ଥିବାରୁ ମନଇଚ୍ଛା ଝାଉଁ ଜଙ୍ଗଲ କଟାଯାଇ ସଫା କରି ଦିଆଯାଉଛି। ଗତ ଶନିବାର ସନ୍ଧ୍ୟାରେ ବଗଲପୁର, ଭିଲ୍ଲାଆଡ଼ିଆ ଝାଉଁ ଜଙ୍ଗଲରୁ କେତେଜଣ ଲୋକ ଝାଉଁ ଗଛ କାଟି ଜଙ୍ଗଲରୁ ଅଟୋରେ ଲଦି ଜାଳେଣି କାଠ ହିସାବରେ ସେଗୁଡିକୁ ଚୋରାରେ ବିକ୍ରି କରୁଥିବା ବେଳେ ଅଟାସପୁର ଅଞ୍ଚଳ ଓ ଭିଲ୍ଲା ଆଡ଼ିଆ ଅଞ୍ଚଳର ଗ୍ରାମବାସୀ ସେଠାରେ ପହଞ୍ଚି ୧୨ କୁଇଣ୍ଟାଲରୁ ଅଧିକ ଝାଉଁ ଜାଳେଣି କାଠ ଜବତ କରିଥିଲେ। ଏହି ସମୟରେ କାଠ ବେପାରୀମାନଙ୍କ ସହିତ ଗ୍ରାମବାସୀଙ୍କ ଧସ୍ତାଧସ୍ତି ହୋଇଥିଲା। ଚୋରାକାଠ ବେପାରୀମାନେ କାଠଗୁଡିକୁ ଗାଡ଼ିରୁ ବାହାର କରି ଗାଡ଼ି ଧରି ପଳାଇଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଶନିବାର ଓ ରବିବାର ସକାଳଠାରୁ ଫରେଷ୍ଟଗାର୍ଡ଼ଙ୍କୁ ଖବର ଦିଆଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଆସି ନାହାନ୍ତି। ତେବେ ଜବତ କାଠକୁ କାହା ପାଖରେ ରଖାଯିବ ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ଦେଖାଦେଇଛି। ଏ ସମ୍ପର୍କରେ ତାଳପଦା ବିଟ୍ ଅଞ୍ଚଳର ଫରେଷ୍ଟର ଶ୍ରାବନ୍ତି ମାରାଣ୍ଡିଙ୍କୁ ପଚାରିବାରୁ ଆମ ପାଖରେ ଅଭିଯୋଗ ପହଞ୍ଚିନାହିଁ। ଅଭିଯୋଗ ମିଳିଲେ ତଦନ୍ତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ସାମୁଦ୍ରିକ ବାତ୍ୟା 'ଫନୀ'ର ପ୍ରଭାବରେ ଅଟାସପୁର ଆଡ଼ିଆରେ ଥିବା ୧ ଶହରୁ ଉର୍ଦ୍ଧ୍ୱ ଝାଉଁ ଗଛ ଉପୁଡି ପଡିଥିଲା।



ଝାଉଁ କାଠକୁ ଲୋକମାନେ ଜବତ କରି ରଖିଛନ୍ତି।

DSPL-10

# ସାପକାମୁଡା

## ସତର୍କ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡିଶା ସରକାର

### କ'ଣ କରିବେ

- ଆଦୌ ଡରନ୍ତୁ ନାହିଁ କି ବିଚଳିତ ହୁଅନ୍ତୁ ନାହିଁ ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଆଶ୍ୱାସନା ଦିଅନ୍ତୁ ଓ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ସାପ କାମୁଡିଥିବା ବ୍ୟକ୍ତି ପିନ୍ଧିଥିବା ମୁଦି, ଘଣ୍ଟା, ବ୍ରତ, ପାଉଞ୍ଜି ଆଦି ଖୋଲି ଦିଅନ୍ତୁ ।
- ସାପକାମୁଡା ବ୍ୟକ୍ତିଙ୍କୁ ଚଲାବୁଲା ବା କୌଣସି କାମ କରିବାକୁ ବାରଣ କରନ୍ତୁ ଓ ତାଙ୍କଠାରେ ଦେଖାଯାଇଥିବା ଲକ୍ଷଣ ଡାକ୍ତରଙ୍କୁ ସବିଶେଷ କୁହନ୍ତୁ ।

### କ'ଣ କରିବେ ନାହିଁ

- ଗୁଣି-ଗାରେଡି, ମନ୍ଦିରରେ ପାଣି ଢ଼ାଳିବା, ଫୋନ୍‌ରେ ବିଷ ଝାଡିବା, ଗଦ-ଚେରମୂଳୀ ଲଗାଇବା ଆଦି କାମରେ ସମୟ ନଷ୍ଟ କରନ୍ତୁ ନାହିଁ ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ ଦିଅନ୍ତୁ ନାହିଁ ।
- କ୍ଷତ ନିକଟରେ କୌଣସି ଜିନିଷ ବାନ୍ଧନ୍ତୁ ନାହିଁ ।
- କ୍ଷତ ସ୍ଥାନକୁ ଆଦୌ ଧୁଅନ୍ତୁ ନାହିଁ, ବ୍ଲେଡ୍, ଛୁରୀ ଇତ୍ୟାଦିରେ କାଟନ୍ତୁ ନାହିଁ, ଚୁଚୁମନ୍ତୁ ନାହିଁ କିମ୍ବା ଚିପାଚିପି କରନ୍ତୁ ନାହିଁ ।
- କ୍ଷତ ସ୍ଥାନରେ ବରଫ ଘଷନ୍ତୁ ନାହିଁ କିମ୍ବା ରୋଗୀଙ୍କୁ ଇଲେକ୍‌ଟ୍ରିକ୍ ଶକ୍ ଦିଅନ୍ତୁ ନାହିଁ ।



ସାପକାମୁଡା ପ୍ରତି ସାବଧାନ ରୁହନ୍ତୁ । ସାପକାମୁଡିଲେ ରୋଗୀଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯାଆନ୍ତୁ ।

ସାପ ବିଷ ନିରୋଧକ ଇଞ୍ଜେକ୍‌ସନ୍ (ASV) ସମସ୍ତ ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0005/1920

## ସଂକ୍ଷେପରେ

### ବାଲେଶ୍ୱରରୁ ମଦ ଅଣାଯିବା ବେଳେ ଚଢାଉ

**ପଦ୍ମପୁର, ୧୨।୫(ଡି.ଏନ.ଏ):** ଭଦ୍ରକ ସଦର ବ୍ଲକ ଅଧୀନ ଏରଡା ନିକଟରୁ ସାବରଙ୍ଗ ଫାଣ୍ଡି ପୋଲିସ ଏକ ଟ୍ରାଭେରା ଗାଡି ସହ ୩୦୦ ଲିଟର ଚୋରା ମଦ ଜବତ କରିଛି। ବାଲେଶ୍ୱର ଜିଲାରୁ ଏହି ଚୋରା ମଦ ସାବରଙ୍ଗ ଅଞ୍ଚଳକୁ ଆସୁଥିବାର କୌଣସି ସୂତ୍ରରୁ ପୋଲିସ ସୂଚନା ପାଇଥିଲା। ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଲ ଗଗନ କୁମାର ସେନ, ସନ୍ତୋଷ ବିଶ୍ୱାଳ ଓ ରଜତ ପାଣିଗ୍ରାହୀ


ଗିରଫ ଗାଡ଼ି ଚାଳକ

ଗାଡିକୁ ଧରିବା ପାଇଁ ସାବରଙ୍ଗ-ଏରଡା ରାସ୍ତାର ଦୁଇଟି ଜାଗାରେ ଛକି ରହିଥିଲେ। ଗାଡିକୁ ଅଟକାଇବାରୁ ସେଥିରେ ୩୦୦ ଲିଟର ଦେଶୀମଦ ରହିଥିବାର ଜଣାପଡିଥିଲା। ଗାଡି (ନଂ. ଡବ୍ଲୁ-୦୨ଡବ୍ଲୁ୦୮୧୪) ର ଚାଳକ ରମାକାନ୍ତ ଦାସ ଓରଫ ବାଙ୍ଗୁକୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ଚାନ୍ଦିପୁର ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି। ଏ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ. ୨୩୨/୧୯) ରୁଜୁ କରି ପୋଲିସ ରମାକାନ୍ତଙ୍କୁ କୋର୍ଟ ଚାଲାଣ କରିଛି ।

### ନବବଧୂଙ୍କୁ ହତ୍ୟା ଅଭିଯୋଗ: ଶାଶୁ, ଦିଅର ଗିରଫ

**ଧାମନଗର, ୧୨।୫(ଡି.ଏନ.ଏ.)-** ଭଦ୍ରକ ଜିଲା ଧାମନଗର ବ୍ଲକ ଧୁସୁରୀ ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ସତ୍ୟରଞ୍ଜନ ବେହେରାଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀଙ୍କର ମୃତ୍ୟୁ ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ.୬୯/୧୯ ) ରୁଜୁ କରିଛି। ଥାନା ଏସଆଇ ବିଭୂତି ଭୂଷଣ ସ୍ୱାଇଁ ଘଟଣାର ତଦନ୍ତ କରି ଶାଶୁ ଭାରତୀ ବେହେରା ଏବଂ ଦିଅର ସୌମ୍ୟରଞ୍ଜନ ବେହେରାଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି । ପୋଲିସ ସୂଚନା ଅନୁଯାୟୀ ସତ୍ୟରଞ୍ଜନ ୧୧ ମାସ ତଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଇଚ୍ଛାପୁର ଗ୍ରାମରେ ଭାଗ୍ୟଲକ୍ଷ୍ମୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ସତ୍ୟରଞ୍ଜନ ଓ୍ୱବୁରିରେ ରହି କାର୍ଯ୍ୟ କରୁଥିବାରୁ ଭାଗ୍ୟଲକ୍ଷ୍ମୀ ଶାଶୁଙ୍କ ପାଖରେ ରହୁଥିଲେ । ସେ ୯ ମାସର ଗର୍ଭବତୀ ଥିବାବେଳେ ଗତ ଶୁକ୍ରବାର ଅପରାହ୍ନରେ ନିଜ ଶୋଇବା ଘର ପଙ୍ଖାରେ ଏକ ପ୍ଲାଷ୍ଟିକ ଦଉଡିରେ ରଶି ଲଗାଇ ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଭାଗ୍ୟଲକ୍ଷ୍ମୀଙ୍କୁ ଅଧିକ ଯୌତୁକ ଆଣିବା ପାଇଁ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଥିଲେ।

### ୧୦ ବଖରା ପୋଡ଼ିଗଲା

**ଚାନ୍ଦବାଲି, ୧୨।୫(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଭୂଇଁବୃତ୍ତି ଗାଁର ଧାନଖଣିଆ ସାହିରେ ରବିବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ପରିବାରର ୧୦ ବଖରା ଘର ପୋଡି ଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କଥା କୁହାଯାଉଛି। ଚାନ୍ଦବାଲିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା । କ୍ଷୟକ୍ଷତିର ଆକଳନ ହୋଇପାରି ନାହିଁ। ନିଆଁର ପ୍ରକୋପ ଅଧିକ ଥିବାରୁ ଲୋକେ ନିଜ ନିଜର ଘରୁ କୌଣସି ଆସବାବପତ୍ର ମଧ୍ୟ ଉଦ୍ଧାର କରି ପାରି ନାହାନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ତିହିଡି, ୧୨।୫(ଡି.ଏନ.ଏ):** ଭଦ୍ରକ ଜିଲା ତିହିଡି ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ତିହିଡି ଥାନା ପୋଲିସ ଏକ ମକଦ୍ଦମା (ନଂ.୨୦୦/୧୯) ରୁଜୁ କରି ଅଭିଯୁକ୍ତ ଯୁବକ ମଣ୍ଟୁ ଦାସଙ୍କୁ ରବିବାର ଗିରଫ କରି ଡାକ୍ତରୀ ମାଇନା କରାଇବା ପରେ କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ମଣ୍ଟୁଙ୍କ ଘର ତିହିଡି ଥାନା ବାରସର ପଞ୍ଚାୟତ କେଳାସାହି ଗ୍ରାମରେ । ସେ ବର୍ଷକ ପୂର୍ବେ ବିବାହ କରିଥିଲେ ମଧ୍ୟ କାଁପଡା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ପୀଡିତାଙ୍କ ବାପା ଶନିବାର ଥାନାରେ ଅଭିଯୋଗ କରିଥିଲେ ।

### ସରୁନି ଆକଳନ

**ଚାନ୍ଦବାଲି, ୧୨।୫(ଡି.ଏନ.ଏ.):** 'ଫନୀ'ବାତ୍ୟାକୁ ୧୦ ଦିନ ବିତିଥିଲେ ମଧ୍ୟ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଓ ସ୍ଥାନୀୟ ଏନଏସିରେ କ୍ଷୟକ୍ଷତିର ଆକଳନ ଏଯାଏ ଶେଷ ହୋଇ ନାହିଁ । ଚାନ୍ଦବାଲି ବ୍ଲକ କର୍ତ୍ତୃପକ୍ଷ ସରକାରୀ କାର୍ଯ୍ୟରେ ପୁରୀରେ ନିୟୋଜିତ ଥିବାବେଳେ ଏନଏସିର ଜଣେ ଉଚ୍ଚ ଅଧିକାରୀ ଛୁଟିରେ ରହିଛନ୍ତି। ତହସିଲଦାର ସତ୍ୟଜିତ୍ ରାଉତ ଚାନ୍ଦବାଲି ବ୍ଲକର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଆରଆଇମାନେ ଗାଁ ଗାଁ ବୁଲି ଘରଭଙ୍ଗାର ଆକଳନ କରୁଥିବା କୁହାଯାଉଛି। କ୍ଷତିଗ୍ରସ୍ତ ପରିବାର ସରକାରୀ ସାହାଯ୍ୟ ପାଇଁ ପ୍ରତିଦିନ ଚାନ୍ଦବାଲି ବ୍ଲକ ଓ ଏନଏସି ଅଫିସକୁ ଆସି ଭିଡ ଜମାଉଥିବା ଦେଖାଯାଉଛି।

# ବାତ୍ୟା ମାଡ଼ରେ ଚପିଗଲା ମଦମୃତ୍ୟୁ

## ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦିଗରେ ପୋଲିସ, ପ୍ରଶାସନ ସ୍ଥାଣୁ

**ଭଦ୍ରକ ଅଫିସ, ୧୨।୫**

ନିର୍ବାଚନ ସମୟରେ ଭଦ୍ରକର ମଦମୃତ୍ୟୁ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ହେଲେ ସାମୁଦ୍ରିକ ବାତ୍ୟା 'ଫନୀ'ରେ ଏହି ଘଟଣା ଏକପ୍ରକାର ଚାପି ହୋଇଯାଇଛି। ଜଣେ କି ଦୁଇଜଣ ନୁହେଁ ଏକାସଙ୍ଗେ ବିଷାକ୍ତ ମଦ ପିଇ ୧୦ ଜଣଙ୍କର ମୃତ୍ୟୁ ଘଟିଥିଲା। ସମସ୍ତ ମୃତକ ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଞ୍ଚଳର। ଭଦ୍ରକ ଜିଲା ଚିକିତ୍ସାଳୟରେ ୧୧୪ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇ ୪ରୁ ୫ ଦିନ ପର୍ଯ୍ୟନ୍ତ ଚିକିତ୍ସାଧୀନ ରହିଲେ। ଅସୁସ୍ଥଙ୍କ ସଂଖ୍ୟା ଆହୁରି ଅଧିକ ବୋଲି ଜଣାପଡ଼ିଛି। ଯେଉଁମାନେ ଭୁବନେଶ୍ୱର ଓ କଟକର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିଲେ ସେମାନଙ୍କ ହିସାବ ପ୍ରଶାସନ ପାଖରେ ନାହିଁ। ଏହାମଧ୍ୟରେ ଘଟଣାକୁ ୨ ସପ୍ତାହ ବିତିଗଲାଣି। ବିଷାକ୍ତ ମଦମୃତ୍ୟୁର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦିଗରେ ପୋଲିସ ଓ ପ୍ରଶାସନର ଉଦ୍ୟମ ଶିଥିଳ ହୋଇପଡ଼ିଛି। ଏପରିକି ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି। ଅସଲି ମ୍ୟାକ୍‌ଡୋଲ ନଂ ୧ ଭଳି ଦିଶୁଥିବା ନକଲି ବିଷାକ୍ତ ମଦ ପୁରୁଣା ବାଲେଶ୍ୱର ଓ ସ୍ଥାନୀୟ ଘଣ୍ଟେଶ୍ୱର ଅଞ୍ଚଳରୁ ଅଣାଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଏ ଯାଏ ଏହାର ଟେର୍ ପାଇ ନାହିଁ।

ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଏହି ନକଲି ମଦ ବଣ୍ଟାଯାଇଥିବା ଅଭିଯୋଗ କେତେକ ରାଜନୈତିକ ଦଳ ସମେତ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ନିର୍ବାଚନ ପୂର୍ବ ଦିନ ଓ ନିର୍ବାଚନ ଦିନ ଏହି ମଦ ପିଇ ଜଣକ ପରେ ଜଣେ ମୃତ୍ୟୁବରଣ କଲେ। ତିହିଡି ଥାନା ପୀରହାଟ ଫାଣ୍ଡି ଅଞ୍ଚଳ ଦୌଲତପୁର ପଞ୍ଚାୟତରେ ୫ ଜଣଙ୍କର ଓ ତିହିଡି ସାପକାଟିଆ ଅଞ୍ଚଳରେ ଜଣଙ୍କର ମୃତ୍ୟୁ ଘଟିଛି। ଚାନ୍ଦବାଲି ବ୍ଲକର ଯଶିପୁର, ପଣସପଡା ଓ କୁଆଁରସର ଗ୍ରାମରେ ଅନ୍ୟ ୪ ଜଣ ମୃତ୍ୟୁବରଣ କରିଛନ୍ତି। ମଦମୃତ୍ୟୁ ଘଟଣାର ତଦନ୍ତ ଦାବି କରି ଗତ ୩୦ ତାରିଖରେ ପୀରହାଟ ଅଞ୍ଚଳରେ ସ୍ଥାନୀୟ ବ୍ୟବସାୟୀ ଓ ଭାଜପା ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ପୋଲିସ ଓ ଉଚ୍ଚବିଭାଗୀୟ କର୍ତ୍ତୃପକ୍ଷ ପହଞ୍ଚି ଘଟଣାର ଉପଯୁକ୍ତ ତଦନ୍ତ ହେବ ଏବଂ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଫନୀର ତାଣ୍ଡବ ଏହି ଘଟଣା ଉପରେ ପାଣି ଢାଳି ଦେଇଛି। ଏହି ପରିପ୍ରେକ୍ଷୀରେ ଭାଜପାର ରାଜ୍ୟସ୍ତରୀୟ ନେତା ତଥା ପୂର୍ବତନ ଡିଜି ପ୍ରକାଶ ମିଶ୍ର ମଦ ମାଫିଆମାନେ ନିର୍ଦ୍ଦିଷ୍ଟ ଏକ ଦଳର ସମର୍ଥକ ହୋଇଥିବାରୁ ସେମାନଙ୍କୁ ପ୍ରଶାସନ ଘଣ୍ଟ ଘୋଡ଼ାଉଛି ବୋଲି ଅଭିଯୋଗ କରିଛନ୍ତି।

ବିଷାକ୍ତ ମଦମୃତ୍ୟୁ ଘଟଣାରେ ସମ୍ପୃକ୍ତ ପରିବାର ରୋଜଗାରିଆ ଲୋକଙ୍କୁ ହରାଇ ବେସାହାରା ପାଲଟିଯାଇଛନ୍ତି। କାହା ଘରେ ଚୁଲି ଜଳୁନି ତ କାହା ପୁଅ ବାପାଙ୍କୁ ଖୋଜି ବାହୁନି କାନ୍ଦୁଛି। ଏଯାଏ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମନରୁ ବିଷାଦର ଛାୟା ହଟିନି। ଚୋରାମଦ କାରବାର ବୃଦ୍ଧି ଏହି ଅଞ୍ଚଳରେ ଆଗରୁ ଘଟି ଆସିଥିବାରୁ ଅଞ୍ଚଳବାସୀ ଏ ନେଇ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ କହିଛନ୍ତି, ବିଷାକ୍ତ ମଦର ନମୁନା ପରୀକ୍ଷା ଲାଗି ପଠାଯାଇଛି। ମୃତ ବ୍ୟକ୍ତିଙ୍କ ଭିସାରା ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ। ଭଦ୍ରକ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରାହାସ ବିହାରୀ ପାତ୍ର ଅନୁରୂପ ମତବ୍ୟକ୍ତ କରି କହିଛନ୍ତି, ସରକାରୀ ରିପୋର୍ଟ ଆସିବା ପରେ ସହାୟତା ପ୍ରଦାନ ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟ ଅବକାରୀ କମିଶନର ଓ ଡେପୁଟି କମିଶନର ଘଟଣାର ତଦନ୍ତ କରି ମଦର ନମୁନା ନେଇଛନ୍ତି। ରିପୋର୍ଟ ଆସିବା ପରେ ଉଚିତ କାର୍ଯ୍ୟାନୁଷ୍ଠାନ ହେବ।

### ୨୦୧୭ରେ ତିହିଡ଼ିରେ ହୋଇଥିଲା ମଦମୃତ୍ୟୁ

୨୦୧୭ରେ ତିହିଡିର ବାରସରରେ ମଦମୃତ୍ୟୁ ଘଟଣା ଘଟିଥିଲା। ସେତେବେଳେ ଏହା ଜିଲା ପ୍ରଶାସନ ଓ ଅବକାରୀ ବିଭାଗର ନିଦ ହଜାଇ ଦେଇଥିଲା । ସେତେବେଳେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଥିଲେ। କିନ୍ତୁ ଏଥିରୁ କେହି କିଛି ଶିକ୍ଷା କରି ନ ଥିଲେ। ସତେ ଯେପରି ପୁଣି ଥରେ ଏହି ମଦମୃତ୍ୟୁକୁ ଅପେକ୍ଷା କରାଯାଇଥିଲା।

### ଗାଁରେ ଏଯାଏ ଥମିନି କାନ୍ଦ

ମଦ ମୃତ୍ୟୁ ଘଟଣା ପରେ ଗାଁ ଗାଁରେ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କ ଘରେ କାନ୍ଦବୋବାଳି ଏଯାଏ ଥମିନି। ସମସ୍ତ ମୃତକ ପ୍ରାୟ ଯୁବ ବୟସର। ସ୍ୱାମୀଙ୍କୁ ହରାଇଥିବା ମହିଳାମାନେ ବାହୁନି କାନ୍ଦୁଛନ୍ତି ତ ସେମାନଙ୍କ ଝିଅପୁଅ ବାପାଙ୍କ ଫଟୋକୁ ଦେଖି ଝୁରି ହେଉଛନ୍ତି। ମଦ ଭାଙ୍ଗିଦେଲା ସୁନା ସଂସାର ବୋଲି ସମସ୍ତେ କହୁଛନ୍ତି। ମଦମୃତ୍ୟୁର ଶିକାର ବ୍ୟକ୍ତିମାନେ ହେଲେ ଦୌଲତପୁରର ଶଙ୍କର୍ଷଣ ଦାସ, ଶଙ୍କର୍ଷଣ ପରିଡା, ବୁଦ୍ଧିରାମ ଜେନା, ରାମଚନ୍ଦ୍ର ପଡିଆରୀ, ନମେଇସାହିର ସାଧୁଚରଣ ନାୟକ, ଚାନ୍ଦବାଲି ଯଶିପୁରର ବାଇଧର ନାୟକ, ମନୋଜ ମହାନ୍ତି, କୁଆଁରସର ହରିହର ଜେନା, ପଣସପଡାର ଦେବେନ୍ଦ୍ର ପଣ୍ଡା ଓ ତିହିଡ଼ି ସାପକାଟିଆ ଅଞ୍ଚଳର ଇନ୍ଦ୍ରମଣି ଦାସ।

### ଘର ଆଗରେ ଥୁଆ ହୋଇଛି ଅଟୋ

ଚାନ୍ଦବାଲି ସହର ଉପକଣ୍ଠ କୁଆଁରସର ଶଗଡିଆ ଗ୍ରାମର ମୃତକ ହରିହର ଜେନା ଜଣେ ଅଟୋ ଚାଳକ ଥିଲେ। ଗୋଟିଏ ପୁଅ, ୪ ଝିଅ, ସ୍ତ୍ରୀ ଓ ବୃଦ୍ଧା ମା' ତାଙ୍କ ରୋଜଗାର ଉପରେ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁରେ ମା' ଲକ୍ଷ୍ମୀ ଦୁଃଖରେ ଶଯ୍ୟାଶାୟୀ ହୋଇପଡିଛନ୍ତି। ଦୈନିକ ଔଷଧ ଖର୍ଚ୍ଚ ତୁଲାବାକୁ ଅର୍ଥ ସମସ୍ୟା ଦେଖାଦେଇଛି। ହରିହରଙ୍କ ଘର ସମ୍ମୁଖରେ ତାଙ୍କ ଅଟୋ ଥୁଆ ହୋଇ ରହିଛି। ଏହି ପରିବାର ଏବେ କିଭଳି ବଞ୍ଚିବେ ଚିନ୍ତାରେ ଘାରି ହେଉଥିବା କହିଛନ୍ତି।

### କାନ୍ଥରେ ଲେଖିଥିଲେ ପଣିକିଆ

ମଦମୃତ୍ୟୁର ଶିକାର ହୋଇଥିବା ମନୋଜ କୁମାର ମହାନ୍ତି ଗାଁରେ ଚିଙ୍ଗୁଡ଼ି ଚାଷ କରି ଚଳୁଥିଲେ। ନିଜ ପୁଅ ପୂର୍ଣ୍ଣଦୀପକୁ ପାଠ ପଢାଇ ମଣିଷ କରିବାକୁ ଚାହୁଁଥିଲେ। ଏଥିଲାଗି ସେ ମୃତ୍ୟୁର ୪ ଦିନ ଆଗରୁ ସ୍ଲେଟ କି ଖାତା ନୁହେଁ ଘର କାନ୍ଥରେ ଏବିସିଡି ଓ ପଣିକିଆ ଲେଖିଥିଲେ । ତାଙ୍କ ପରିବାର ଲୋକେ କହିଛନ୍ତି, ନିର୍ବାଚନ ପୂର୍ବଦିନ ଭୋଜିଭାତ ଖାଇବା ସକାଶେ କେତେକ ସାଙ୍ଗ ତାଙ୍କୁ ଡାକି ନେଇଥିଲେ। ଭୋଜିଭାତ ସାଙ୍ଗକୁ ମଦ ପିଇବା ହୋଇଥିଲା। ପରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ଶେଷଥର ପାଇଁ ଭଉଣୀ ସ୍ୱର୍ଣ୍ଣଲତାକୁ ଫୋନ କରି 'ନାନୀ ମୋ ଆଖିକୁ କିଛି ଦେଖାଯାଉ ନାହିଁ' ବୋଲି କହିଥିଲେ ମନୋଜ। ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘର କାନ୍ଥରେ ଲେଖିଥିବା ଏବିସିଡି ଓ ପଣିକିଆ ଲେଖାକୁ ଦେଖି ତାଙ୍କ ସ୍ତ୍ରୀ ପ୍ରତିଭା ପ୍ରତିଦିନ ବାହୁନି ବାହୁନି କାନ୍ଦୁଛନ୍ତି।

### 'କାର୍ଯ୍ୟାନୁଷ୍ଠାନ ହେଉ'

ମଦମୃତ୍ୟୁ ଘଟଣା ପରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନ ଓ ବହୁ ବିଶିଷ୍ଟ ନାଗରିକ ପ୍ରତିକ୍ରିୟା ବ୍ୟକ୍ତ କରି ପୋଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତାକୁ ସମାଲୋଚନା କରିଛନ୍ତି। ଦୀର୍ଘବର୍ଷ ଧରି କେତେକ ପଡୋଶୀ ଜିଲାରୁ ଭଦ୍ରକକୁ ହଜାର ହଜାର ଲିଟର ନକଲି ଦେଶୀମଦ ଅଣାଯାଇ ଥିବା ବିଭିନ୍ନ ନାମୀଦାମୀ କମ୍ପାନୀ ନାଁରେ ବିକ୍ରି କରାଯାଉଥିଲା। ଲୋକଦେଖାଣିଆ ଚଢାଉ ବେଳେ ବିଭିନ୍ନ ସ୍ଥାନରୁ ଚୋରାମଦ ଧରାପଡିଥିଲେ ମଧ୍ୟ ଏହାକୁ ରୋକାଯାଇ ପାରି ନ ଥିଲା। ପୋଲିସ ଓ ଅବକାରୀ ବିଭାଗ ସବୁ ଜାଣି ଅଜଣା ହୋଇ ବସି ରହିଥିଲେ। ବର୍ତ୍ତମାନ ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ପୂର୍ବ ଅବସ୍ଥା ପୁଣି ଫେରି ଆସିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।


ମଦମୃତ୍ୟୁ ସଜାଇଛି ଅସହାୟ।

# ଯୁବ ପ୍ରତିଭା ଇତିଶ୍ରୀ

## ବୃତ୍ତିରେ ଅଧ୍ୟାପନା, ସଂଗୀତ ସାଧନା ଓ ସମାଜ ସେବା ଜୀବନର ବ୍ରତ

**ଭଦ୍ରକ ଅଫିସ, ୧୨।୫**

ବିଭିନ୍ନ ମଞ୍ଚରେ ଗୀତ ଗାଇବା ସହ ସମାଜସେବା କାର୍ଯ୍ୟ ପ୍ରତି ରୁଚି ରଖି ଯୁବପ୍ରତିଭା ଇତିଶ୍ରୀ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ବିଟେକ୍ ପାସ୍ କରିବା ପରେ ସେ ଏବେ ଏକ ଘରୋଇ ଇଂଜିନିୟରିଙ୍ଗ କଲେଜରେ ଅଧ୍ୟାପନା କାର୍ଯ୍ୟ କରୁଛନ୍ତି । ପେସାରେ ଅଧ୍ୟାପିକା ହେଲେ ମଧ୍ୟ ଉଭୟ ସଙ୍ଗୀତ ସାଧନା ଓ ସମାଜସେବାକୁ ସେ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା କହିଛନ୍ତି। ଗତ କିଛି ବର୍ଷ ଧରି ସେ ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭଦ୍ରକ ସୋସିଆଲ ସର୍ଭିସ୍‌ରେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ କରିଆସୁଛନ୍ତି। ପ୍ରତି ରବିବାର ସଂଗଠନର ସଦସ୍ୟମାନଙ୍କ ସହ ମିଶି ସେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଅଞ୍ଚଳ ସମେତ ଅନ୍ୟତ୍ର ଅସହାୟ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଦାନ ଭଳି କାର୍ଯ୍ୟ କରୁଛନ୍ତି। ଭବିଷ୍ୟତରେ ସେ ବଲିଉଡରେ ସଙ୍ଗୀତ ପରିବେଷଣ ଲାଗି ଲକ୍ଷ୍ୟ ରଖିଛନ୍ତି। ଅଧ୍ୟାପନା ବୃତ୍ତି ସାଙ୍ଗକୁ ସଙ୍ଗୀତ କଳା ଲାଗି ନିଷ୍ଠା ରଖି କାର୍ଯ୍ୟ କରିବା ସହିତ ସମାଜର ଦୁଃଖିରଙ୍କଙ୍କ ପାଖରେ ପହଞ୍ଚିବା ତାଙ୍କ ଜୀବନର ଅନ୍ୟତମ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଇତିଶ୍ରୀଙ୍କ ଘର ଭଦ୍ରକ ସହର ଉପକଣ୍ଠ ରାଣୀତାଲ ଗ୍ରାମରେ । ସେ କହନ୍ତି, ୪ ବର୍ଷ ବୟସରୁ ସେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ମା' ସତ୍ୟଭାମା ଓ ବାପା ରମାକାନ୍ତଙ୍କର ଇଚ୍ଛା ଥିଲା ସେ ଜଣେ ସୁପରିଚିତ ଗାୟିକା ହୁଅନ୍ତୁ। ଶେଷରେ ସେୟା ହିଁ ହେଲା । ଅର୍ଥାଭାବ କାରଣରୁ ସେ ଉଚ୍ଚତର ସଙ୍ଗୀତ ଶିକ୍ଷା ଲାଭ କରିପାରି ନ ଥିଲେ ମଧ୍ୟ ବାଲ୍ୟଗୁରୁ ଗୋପାଳ ଚନ୍ଦ୍ର ଦେଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ସଙ୍ଗୀତ ଶିକ୍ଷା ଗ୍ରହଣ କରି ଏଦିଗରେ ନିରନ୍ତର ସାଧନା ଜାରି ରଖିଛନ୍ତି। ଏ ପରିକି ବିଭିନ୍ନ ଟିଭି ଓ କ୍ୟାସେଟ୍ ଶୁଣି, ତାହାକୁ ଅନୁକରଣ କରି ସେ ଗୀତ ଗାଉଥାନ୍ତି । ନିଜସ୍ୱ ଉଦ୍ୟମରେ ଏବେ ବିଭିନ୍ନ ଘରୋଇ ଟିଭି ଚ୍ୟାନାଲରେ ଗୀତ ପରିବେଷଣ କରିଛନ୍ତି। ନବମ ଶ୍ରେଣୀରେ ପଢୁଥିବା ସମୟରେ ସେ 'ବଡ ଠାକୁର ତୁ ଅଟୁ ଜଗାକାଳିଆ' ଭଜନ ଗାଇ ବେଶ୍ ପ୍ରଶଂସା ସାଉଣ୍ଟିଥିଲେ। ପରେ ପରେ ଅଲ୍ ଓଡିଶା ଇଞ୍ଜିନିୟରିଂ କଲେଜ ତରଫରୁ ହୋଇଥିବା ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସଫଳତାର ପାହାଚ ଚଢିବାରେ ଲାଗିଛନ୍ତି । ମାନସ କୁମାରଙ୍କର ନିର୍ଦ୍ଦେଶନାରେ ଡାକୁଚିରେ ଜମୁନା ପାଣି, ଗାଈ ମାଳ ମାଳ ଷଣ୍ଢ ଦୁର୍ବଳ, ମା' ଲୋ ଭିଡ ହେଲା, କାଉଡି ଭଜନ, ଲୁବୁନ୍ - ଟୁବୁନ୍ ଙ୍କର ଆଲୋ ଯିବା ଦଶରା ଦେଖି, ଗାଈ ମାଳ ମାଳ-୨, ଚଢିଗଲା ଡମଣା ସାପ ପରି ଅନେକ ଆଲବମ୍ ଓ ଭଜନ ଗୀତ ଗାଇ ୨୪ ବର୍ଷିୟା ଏହି କଣ୍ଠ ଶିଳ୍ପୀ ଅନେକ ଶ୍ରୋତାଙ୍କ ମନ କିଣିବାରେ ସଫଳ ହୋଇଛନ୍ତି ।


କଣ୍ଠଶିଳ୍ପୀ ଇତିଶ୍ରୀ ।

### ନବଦମ୍ପତିଙ୍କୁ ହେଲ୍‌ମେଟ୍ ଉପହାର

**ଚାନ୍ଦବାଲି, ୧୨।୫(ଡି.ଏନ.ଏ)**

ବିବାହ ଓ ଅନ୍ୟାନ୍ୟ ଶୁଭ କାମରେ ଅନେକ ଲୋକ ବିଭିନ୍ନ ଉପହାର ଦେଇଥାନ୍ତି । ବର୍ତ୍ତମାନ ଏ କ୍ଷେତ୍ରରେ ନୂଆ ତରିକା ଆପଣାଇ କିଏ ଚାରା ଉପହାର ଦେଲାଣି ତ ଆଉ କିଏ ସଚେତନର ବାର୍ତ୍ତା ଦେଉଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପୋଖରୀ ସାହି ଗାଁର ବିବାହିତା ନବଦମ୍ପତିଙ୍କୁ ଜଣେ ଯୁବକ ହେଲ୍‌ମେଟ୍ ଉପହାର ଦେଇ ଚର୍ଚ୍ଚାକୁ ଆସିଛନ୍ତି।

ରାସ୍ତାରେ ଗାଡି ଚଳାଇବା ବେଳେ ଲୋକେ ହେଲ୍‌ମେଟ୍ ପିନ୍ଧୁ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଏଣୁ ନବଦମ୍ପତିଙ୍କୁ ହେଲ୍‌ମେଟ୍‌ଉପହାର ଦେଇ ହେଲ୍‌ମେଟ୍ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ କରିଥିବା ଯୁବକ ବାସୁଦେବ ଦାସଙ୍କୁ ସ୍ଥାନୀୟ ଲୋକେ ବହୁ ପ୍ରଶଂସା କରିଛନ୍ତି। ସମାଜ ପ୍ରତି ଏହା ଏକ ବଡ ବାର୍ତ୍ତା ବୋଲି କହିଛନ୍ତି ନବଦମ୍ପତି ସୁଶାନ୍ତ ଓ କବିତା। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ସାହୁ, ଅବିନାଶ ବାରିକ, ଆଶିଷ କୁମାର ପରିଡା ସମେତ ବହୁ ଯୁବକ ଏହି ଉପହାର ପ୍ରଦାନରେ ସାମିଲ ଥିଲେ।


ନବଦମ୍ପତିଙ୍କୁ ହେଲ୍‌ମେଟ୍ ଉପହାର ଦିଆଯାଉଛି।

# ଚାଇଁପୁର-ଶ୍ରୀବନ୍ତପୁରରେ ମହିଳାଙ୍କ କଳସ ଶୋଭାଯାତ୍ରା


ଚାଇଁପୁର-ଶ୍ରୀବନ୍ତପୁର ମା' ତାରିଣୀଙ୍କ ପୀଠରେ ମହିଳାଙ୍କ କଳସ ଶୋଭାଯାତ୍ରା।

**ବନ୍ତ, ୧୨।୫(ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଚାଇଁପୁର-ଶ୍ରୀବନ୍ତପୁରସ୍ଥିତ ମା' ତାରିଣୀଙ୍କ ପୀଠରେ ଏକାଦଶ ବାର୍ଷିକ ମହାଯଜ୍ଞ ଆରମ୍ଭ ହୋଇଛି। ରବିବାର ସକାଳେ ୩୮୦ ଜଣ ମହିଳା ଗ୍ରାମ୍ୟ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣିବା ପରେ ଘଟସ୍ଥାପନା ପୂର୍ବକ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଟିଲୋ ବଡସାହି ଗ୍ରାମର ଯାଦବାନନ୍ଦ ବିଶ୍ୱାଳ ଓ ଆରତି ବିଶ୍ୱାଳ ମୁଖ୍ୟ କଳସ ଆଣିଥିଲେ। ସୋମବାର ମହାଯଜ୍ଞ ଓ ମଙ୍ଗଳବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ଏଥିରେ ବନ୍ତ, ଆପଣ୍ଡା, ଶ୍ରୀବନ୍ତପୁର, ଚାଇଁପୁର, ବରକୋଣା, ବସନ୍ତିଆ, ଧନିଓଝା, ଅଜାଣଗଡିଆ, ଜାମତୀରା, ମଧୁରଗଡିଆ, ଓରାଳି ଆଦି ଗ୍ରାମ ସମେତ ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ଆଦି ଜିଲାରୁ ଶହ ଶହ ଭକ୍ତ ଯୋଗ ଦେଇଛନ୍ତି । ପୂଜା ଅବସରରେ ରବିବାର ବସନ୍ତିଆ ସେବା ସମବାୟ ସମିତିର ସଭାପତି ବସନ୍ତ କୁମାର ବେହେରା ଓ ସୋମବାର ମନୋହରପୁର ଗ୍ରାମର ସ୍ୱର୍ଣ୍ଣଲତା ଜେନାଙ୍କ ପକ୍ଷରୁ ଆନନ୍ଦ ବଜାରର ବ୍ୟବସ୍ଥା କରାଯାଇଛି । ୩ଦିନ ବ୍ୟାପୀ ପୂଜା କାର୍ଯ୍ୟରେ ପଣ୍ଡିତ ଝୁଲୁ ପଣ୍ଡା, ଗଙ୍ଗାଧର ତିଆଡି, ଯୋଗାନନ୍ଦ ପଣ୍ଡା, ବୁଦ୍ଧଦେବ ଦାସ, ଶିବାନନ୍ଦ ପଣ୍ଡା, ଅଜୟ ମିଶ୍ର, ସ୍ୱରୂପାନନ୍ଦ ପଣ୍ଡା, ସନ୍ଦୀପ୍ତ ପାଢୀ ଦାୟିତ୍ୱ ତୁଲାଉଛନ୍ତି । ମନ୍ଦିର ସେବକ ଭାବେ ନୃସିଂହ ଚରଣ ସାହୁ, ମହେଶ୍ୱର ଜେନା ଏବଂ ଉତ୍ସବ କମିଟିର ସଭାପତି କୁଳମଣି ନାୟକ, ସମ୍ପାଦକ ଉଚ୍ଛବ ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

# ନ୍ୟାୟ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ବନ୍ତ, ୧୨।୫(ଡି.ଏନ୍.ଏ.)**



କଂଗ୍ରେସ ପକ୍ଷରୁ ପୀଡିତାଙ୍କୁ ନ୍ୟାୟ ଦେବା ଲାଗି ଦାବି କରାଯାଉଛି।

### ପୀଡିତାଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଯୁବତୀଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ କରାଯିବ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ କଂଗ୍ରେସପକ୍ଷରୁ ଚେତାବନୀ ଦିଆଯାଇଛି। ୧୬ ନଂ.ଜୋନ୍ ସଭାପତି ନିରଞ୍ଜନ ମଲ୍ଲିକ ଶନିବାର ଗୋବିନ୍ଦପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇ କହିଛନ୍ତି ଯେ, ଅଣ୍ଡିଆ ଗ୍ରାମର ଯୁବକ ଗୋବିନ୍ଦପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଅନ୍ୟତ୍ର ବିବାହ ଉଦ୍ୟମ କରିଥିଲେ। ଏହା ଜାଣିବ ପରେ ପୀଡିତା ଓ ତାଙ୍କ ପରିବାର ଏହାକୁ ବିରୋଧ କରିବାରୁ ଯୁବକଙ୍କ ପରିବାର ଲୋକେ ନାନା ଧମକ ଚମକ ଦେଇଥିଲେ। ଶେଷରେ ସଂପୃକ୍ତ ପୀଡିତା ନିରୁପାୟ ହୋଇ ଗତ ତା ୧ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା କହିଛି। କାହାରିକୁ ଏ ଯାଏ ଗିରଫ କରାଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ସଂପୃକ୍ତ ପୀଡିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ଅଣ୍ଟା ଭିଡି ଆସନ୍ତା ୧୫ ଦିନ ମଧ୍ୟରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଆଇନଜୀବୀ ଅନନ୍ତ ଗୋପାଳ ଦାସ, ଗୋବିନ୍ଦପୁର ପଞ୍ଚାୟତ କଂଗ୍ରେସ ସଭାପତି ଜଗଜୀବନ ସାହୁ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପଣ୍ଡା, କୃଷ୍ଣ ଚନ୍ଦ୍ର ବାରିକ, ରମେଶ ଖଣ୍ଡାଇ, ବିଶ୍ୱନାଥ ପେଡା ପ୍ରମୁଖ ଉପସ୍ଥିତ ଥିଲେ।

# ରିଲିଫ ପଠାଇଲା ବଜରଙ୍ଗ ଦଳ

**ଭଦ୍ରକ ଅଫିସ, ୧୨।୫**

ଗତ ୩ ତାରିଖ ପ୍ରଳୟଙ୍କାରୀ ବାତ୍ୟା ଫନୀ ପାଇଁ ପୁରୀ ଜିଲା ଅଧିକ ପ୍ରଭାବିତ ହୋଇଛି । ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭଦ୍ରକ ଜିଲା ବଜରଙ୍ଗ ଦଳ ପୁରୀର ପ୍ରଭାବିତ ଅଞ୍ଚଳକୁ ଯାଇ ରିଲିଫ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଛନ୍ତି। ବଜରଙ୍ଗ ଦଳର କର୍ମକର୍ତ୍ତା ଚୁଡା, ଗୁଡ, ମୁଢି, ଅଟା, ବିସ୍କୁଟ, ପାଣି ଏବଂ ବସ୍ତ୍ର ଆଦି ରିଲିଫ ସାମଗ୍ରୀ ନେଇ ପୁରୀରେ ପହଞ୍ଚିଥିଲେ। ଓଡ଼ିଶା ବଜରଙ୍ଗ ଦଳ ସଂଯୋଜକ ମାନସ କୁମାର ମହାନ୍ତିଙ୍କ ଉପସ୍ଥିତିରେ ବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଥିଲା । ଭଦ୍ରକ ଜିଲା ବଜରଙ୍ଗ ଦଳ ସଂଯୋଜକ ବିପିନ ବିହାରୀ ପଣ୍ଡା, ଅଜିତ କୁମାର ବିଶ୍ୱାଳ ସେମେତ ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।


ରିଲିଫ୍ ସାମଗ୍ରୀ ବଣ୍ଟନ ପାଇଁ ନିଆଯାଉଛି।

## ସଂକ୍ଷେପରେ

### ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ସିପିଏମ୍‌ର ଅର୍ଥ ସଂଗ୍ରହ

**ଜଳେଶ୍ୱର, ୧୨।୫(ଡି.ଏନ.ଏ.):** ସିପିଏମ୍‌ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତଙ୍କ ପାଇଁ ଶନିବାର ଜନସାଧାରଣଙ୍କଠାରୁ ରିଲିଫ୍ ଓ ଅର୍ଥ ସଂଗ୍ରହ କରାଯାଇଛି। ଦଳୀୟ ପତାକା ହାତରେ ଧରି ଦୋକାନ ଓ ଘରକୁ ଘର ଯାଇ ପାର୍ଟିର ବରିଷ୍ଠ ଏବଂ ସାଧାରଣ କର୍ମକର୍ତ୍ତା ସଂଗ୍ରହ କରିଥିବା ନଗଦ ୮ ହଜାର ଟଙ୍କା ତଥା ରିଲିଫ୍ ସାମଗ୍ରୀ ଜିଲା କମିଟି ଜରିଆରେ ରାଜ୍ୟ କମିଟିକୁ ପଠାଇ ଦେଇଥିବା ପାର୍ଟିର ଜିଲା ସମ୍ପାଦକ ଶିଶିର ହୁଇ ସୂଚନା ଦେଇଛନ୍ତି। ଆଞ୍ଚଳିକ କମିଟି ସଭାପତି ଦିଲୀପ ଗିରି, ସରପଞ୍ଚ ଦିଲୀପ ପରିଡ଼ା, ଦିପ୍ତିମାନ ଆଚାର୍ଯ୍ୟ, ଜୀବନ ପରିଡ଼ା, ଚନ୍ଦନ ଶତପଥୀ, କୁଳଦୀପ ଗିରି, ଜଳଧର ଗୋଛାୟତ, ସନ୍ତୋଷ ଦାସ, ଶମ୍ଭୁନାଥ ଗୋଛାୟତ, ଅଜୟ ମୁଖୀ ପ୍ରମୁଖ ନେତୃବୃନ୍ଦ ଓ କର୍ମକର୍ତ୍ତା ଉକ୍ତ ରିଲିଫ୍ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ।

### ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ବାଣ୍ଟିଲା ଯୁବକ ସଂଘ

**ଜଳେଶ୍ୱର, ୧୨।୫(ଡି.ଏନ.ଏ.):** ପୁରୀ ଜିଲା ସାତପଡ଼ା ବ୍ଲକ ଅଞ୍ଚଳରେ 'ଫନୀ' କ୍ଷତିଗ୍ରସ୍ତଙ୍କୁ ଜଳେଶ୍ୱର ସହରାଞ୍ଚଳର ଶ୍ରୀ ଜଗନ୍ନାଥ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଚୁଡ଼ା, ଚିନି, ବିସ୍କୁଟ, ପାଣି ପାଉଚ୍ ଓ ଅନ୍ୟ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ୩୫୦ କି.ମି. ଦୂରକୁ ଖାଦ୍ୟ ସାମଗ୍ରୀ ବୋହିନେଇ ବଣ୍ଟନ କରି ସେମାନେ ମାନବିକତାର ପରିଚୟ ଦେଇଛନ୍ତି। ସଙ୍ଗଠନର ଉଦ୍ୟୋକ୍ତା ଦେବବ୍ରତ ପାଣିଗ୍ରାହୀ(ରାଜୁ ନନା), କୁମାର ସତ୍ୟଜିତ ବେଜ, ସୁଜିତ ଧର, ହରିଶଙ୍କର ପଣ୍ଡା, ତପନ ପଣ୍ଡା, ବିକି ପଣ୍ଡା, ଶଙ୍କର କର, ବିଜୟ ସାହୁ, ଭଜହରି, ସଞ୍ଜୟ ଦାସ ଓ ଟନି ବେହେରା ପ୍ରମୁଖ ୧୦ ଜଣ ଯୁବକ ସହାୟତାର ହାତ ବଢ଼ାଇଛନ୍ତି।

### 'ସମର୍ପଣର ବିଶ୍ୱ' ଉନ୍ମୋଚିତ

**ବାଲିଆପାଳ, ୧୨।୫(ଡି.ଏନ.ଏ.):** ବାଲିଆପାଳ ଥାନା ବଡ଼ାପାଳ ଗ୍ରାମର ଶିକ୍ଷକ ନେତା ତଥା କବି ରାଖାଲ ଚନ୍ଦ୍ର ଦାସଙ୍କ କବିତା ପୁସ୍ତକ'ସମର୍ପଣର ବିଶ୍ୱ' ରବିବାର ତାଙ୍କ ବାସଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କବି ସୁକୁମାର ଦାସ ଉଦ୍‌ଘାଟନ କରିଥିବା ବେଳେ ବାଲେଶ୍ୱର ପ୍ରତିଭା ଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି, କଥାକାର ବ୍ରଜେନ୍ଦ୍ର ନାଥ ଗିରି ମୁଖ୍ୟବକ୍ତା, ଜାମଶୂଳୀ କଲେଜର ବରିଷ୍ଠ ଅଧାପକ ସୁକାନ୍ତ କୁମାର ଗିରି, ସିଦ୍ଧିବିନାୟକ ଆବାସିକ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ, ବ୍ଲକ ଅଧକ୍ଷ ବିଜନ ନାୟକ, ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ବୈଲୋଚନ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସମନ୍ୱୟ ସଂଘର ସଭାପତି ଶ୍ରୀକାନ୍ତ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ କବି ଦାସଙ୍କର କବି ପ୍ରତିଭା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଡ.ମନୀନ୍ଦ୍ର ଦାସମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ରାଖାଲ ଚନ୍ଦ୍ର ଦାସ ପ୍ରାକ୍ ସୂଚନା, ଅଶ୍ୱିନୀ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, କବି ସନ୍ୟାସୀ ବେହେରା, ଅଧାପକ ରାଧାକାନ୍ତ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

### ୨ ମାସ ଧରି ଏଟିଏମ୍ ଅଚଳ

**ରୂପ୍‌ସା, ୧୨।୫(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଷ୍ଟେସନ ବଜାର ଛକରେ ଥିବା ୟୁବିଆଇ ଏଟିଏମ୍ ୨ ମାସରୁ ଊର୍ଦ୍ଧ୍ୱ ଦିନ ଧରି ଅଚଳ ହୋଇପଡ଼ିଛି। ଫଳରେ ଗ୍ରାହକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଅଚଳ ଏଟିଏମ୍‌କୁ ସଚଳ କରିବା ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ରୂପ୍‌ସା ଆଞ୍ଚଳିକ ବିକାଶ ପରିଷଦର ସାଧାରଣ ସମ୍ପାଦକ ସୁଧାକର ଗିରି, ବରିଷ୍ଠ ନାଗରିକ ରତିରଞ୍ଜନ ମହାପାତ୍ର, ଛାତ୍ରନେତା ନରେଶ ନାୟକଙ୍କ ସମେତ ଗ୍ରାହକମାନେ ଚେତାବନୀ ଦେଇଛନ୍ତି। ଏଠାରେ ବ୍ୟାଙ୍କ ପକ୍ଷରୁ ୨ଟି ଏଟିଏମ୍ ସ୍ଥାପନ କରାଯାଇଛି। ହେଲେ ମାର୍ଚ୍ଚଠାରୁ ୨ଟି ଯାକ ଏଟିଏମ୍ ଅଚଳ ହୋଇପଡ଼ିଛି। ଫଳରେ ଜରୁରୀକାଳୀନ ପରିସ୍ଥିତିରେ ଗ୍ରାହକମାନେ ସେବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅବଗତ କରାଯାଇଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ଏହାକୁ ସଚଳ କରାଯିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

## ୨ ମାସ ହେଲା ରୂପ୍‌ସା ଝୋଟ କାରଖାନା ବନ୍ଦ

# ୮୫୦ ପରିବାରକୁ ଘାରିଛି ରୋଜଗାର ଚିନ୍ତା

**(ବାଞ୍ଛାନିଧି ଦେ)**
**ରୂପ୍‌ସା, ୧୨।୫**

ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଜୟକିଶନ୍ ଦାସମଲ ଝୋଟ କାରଖାନା ୨ ମାସ ହେଲା ବନ୍ଦ ପଡ଼ିଛି। ଫଳରେ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କାର୍ଯ୍ୟରତ ୮୫୦ ଶ୍ରମିକଙ୍କ ପରିବାରକୁ ରୋଜଗାର ଚିନ୍ତା ଘାରିଛି। ଶ୍ରମିକ ସଂଘ ତରଫରୁ କାରଖାନା ଚାଲୁ କରିବା ଦିଗରେ ବାରମ୍ବାର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଜିଲା ଶ୍ରମ ଅଧିକାରୀ କୁବେର ବେହେରା ପ୍ରମୁଖଙ୍କୁ ଅବଗତ କରାଯାଇଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଆସନ୍ତା ୨୨ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ ଚିଠି ଅନୁଯାୟୀ କାରଖାନା କର୍ତ୍ତୃପକ୍ଷ, ଶ୍ରମିକ ସଂଘ କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମସ୍ୟା ସମାଧାନ ଦିଗରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି।



ରୂପ୍‌ସା ଜୟକିଶନ୍ ଦାସମଲ ଝୋଟ କାରଖାନା।

■ **ବଢ଼ୁଛି ଶ୍ରମିକ ଅସନ୍ତୋଷ**
■ **୨୨ରେ ତ୍ରିପାକ୍ଷିକ ଆଲୋଚନା**

୨୦୧୮ ଅକ୍ଟୋବର ୩୦ତାରିଖରୁ ଶ୍ରମିକଙ୍କ ମଜୁରି ହାର ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସେହିଦିନଠାରୁ କାରଖାନାର ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରି ମିଳୁ ନ ଥିଲା। ଗତ ଫେବୃୟାରୀ ୨୨ତାରିଖରେ ସଂଘ ସଭାପତି ଅରୁଣ ଦେ, ମିଲ୍ ମାଲିକ ଓ ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବର୍ଦ୍ଧିତ ମଜୁରି ସମ୍ପର୍କରେ ଆଲୋଚନା ହୋଇଥିଲା। ମିଲ୍ ମାଲିକ କେବଳ ଅଣକୁଶଳୀ ଶ୍ରମିକଙ୍କୁ ବର୍ଦ୍ଧିତ ମଜୁରି ୨୮୦ ଟଙ୍କା ଦେବାକୁ ରାଜି ଥିବା ସ୍ଥଳେ ଉଚ୍ଚବର୍ଗ କୁଶଳୀ, କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ଦରମା ମାତ୍ର ୩୫ଟଙ୍କା ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଏଥିରେ ଶ୍ରମିକମାନେ ରାଜି ନ ହୋଇ ପୂର୍ଣ୍ଣବର୍ଦ୍ଧିତ ମଜୁରି ପ୍ରଦାନ ପାଇଁ ଜିଦ୍ ଧରିଥିଲେ। ଏହାର ପ୍ରତିବାଦରେ କାରଖାନା ସମ୍ମୁଖରେ ସଂଘ ସଭାପତିଙ୍କ କୁଶପୁତ୍ତଳିକା ଦାହ କରି ବହିଷ୍କାର ଦାବି କରିଥିଲେ। ଏହାପରେ ଉତ୍ତେଜନା ଲାଗି ରହିଥିଲା। ବର୍ଦ୍ଧିତ ମଜୁରି ପ୍ରସଙ୍ଗରେ ମିଲ୍ ମାଲିକଙ୍କ ସହ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେବା ପାଇଁ ମାର୍ଚ୍ଚ ୧୯ ତାରିଖକୁ ଦିନଧାର୍ଯ୍ୟ ହୋଇଥିଲା। ମାତ୍ର ସେହିଦିନ ସକାଳେ ଏ 'ସିଫ୍ଟ'ରେ କାମ କରିବାକୁ ଆସିଥିବା ଶ୍ରମିକମାନେ ମୁଖ୍ୟ ଫାଟକର ଭିତରପଟୁ ତାଲା ପଡ଼ିଥିବା ଜାଣିଥିଲେ। ବାହାରପଟେ ଅନିର୍ଦ୍ଦିଷ୍ଟ କାଳ ଲକ୍‌ଆଉଟ୍ ସମ୍ପର୍କିତ ନୋଟିସ୍ ଦିଆଯାଇଥିବା ଦେଖିଥିଲେ। ଏହାପରେ ସଂଘର ସାଧାରଣ ସମ୍ପାଦକ ଦୀପକ ପଣ୍ଡା, ନୂତନ ସଭାପତି ରଘୁନାଥ ସାହୁ, ସହସମ୍ପାଦକ ଅଶୋକ କୁମାର ଦାସ, ମନୋରଞ୍ଜନ ବାରିକ, ସଙ୍ଗଠନ ସମ୍ପାଦକ ନିରଞ୍ଜନ ଦାସ ଓ ମନୋରଞ୍ଜନ ସାହୁ, କୋଷାଧକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର ପ୍ରମୁଖ ଜିଲାପାଳ, ଜିଲା ଶ୍ରମ ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକ, ଶ୍ରମମନ୍ତ୍ରୀ ଓ ଲେବର କମିଶନରଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଦୁଇମାସ ଧରି କାରଖାନା ବନ୍ଦ ଥିବାରୁ କାର୍ଯ୍ୟରତ ୮୫୦ ଶ୍ରମିକ ସେମାନଙ୍କ ପରିବାର ଗୁଜୁରାଣ ମେଣ୍ଟାଇ ନ ପାରି ଚିନ୍ତାରେ ଦିନ ବିତାଉଛନ୍ତି। ଗତ ୧୦ତାରିଖରେ ଜିଲା ଶ୍ରମ ଅଧିକାରୀ ବେହେରା କାରଖାନା ମାଲିକ ବ୍ରିଜମୋହନ ମଲ, ଜେନେରାଲ ମ୍ୟାନେଜର ହୃଷୀକେଶ ରାଉତ ଓ ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ପଣ୍ଡାଙ୍କୁ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୧ଟାରେ ତାଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା କରାଯାଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚିଠି ଯୋଗେ ଜଣାଇଥିଲେ।

## ଚର୍ଚ୍ଚାରେ ଉପାନ୍ତ ଶଙ୍ଖାମେଦୀ

# ପଶ୍ଚିମବଙ୍ଗ ପଟେ ଭୋଟ ଦେଲେ ୨୩୦ ଭୋଟର

**ଭୋଗରାଇ, ୧୨।୫(ଡି.ଏନ.ଏ.)**

ଶଙ୍ଖାମେଦୀ ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମା ବିବାଦ ଘେରରେ ଥିବା ଏକ ଉପାନ୍ତ ଗାଁ। ଗତ ୨୯ତାରିଖରେ ଓଡ଼ିଶାରେ ଅନୁଷ୍ଠିତ ୪ମ ପର୍ଯ୍ୟାୟ ନିର୍ବାଚନରେ ଏହି ଗାଁର ୨୫୦ ଭୋଟର ମତାଧିକାର ସାବ୍ୟସ୍ତ କରିଥିଲେ। ରବିବାର ପଶ୍ଚିମବଙ୍ଗରେ ହୋଇଥିବା ୬ଷ୍ଠ ପର୍ଯ୍ୟାୟ ନିର୍ବାଚନରେ ସୀମା ବିବାଦ ଘେରରେ ଥିବା ଏହି ଗାଁର ୨୩୦ ଭୋଟର ପଶ୍ଚିମବଙ୍ଗର କାଁଥି ଲୋକସଭା ଆସନ ପାଇଁ ଭୋଟ ଦେଇଥିବା ଜଣାପଡିଛି। ଅନ୍ୟ କେତେକ ଉପାନ୍ତ ଗାଁର ଭୋଟରମାନେ ମଧ୍ୟ ଅନୁରୂପ ମତଦାନ କରିଥିବା କୁହାଯାଉଛି। ସେମାନଙ୍କ ସଂଖ୍ୟା ଜଣାପଡି ନାହିଁ । ଆନ୍ତଃରାଜ୍ୟ ସୀମା ବିବାଦ ଆଳରେ ଓଡ଼ିଶା ଅଧୀନରେ ଥିବା ଏସବୁ ଗାଁ ଉପରେ ପଶ୍ଚିମବଙ୍ଗ କଳକୌଶଳ କରି ଅଧିକାର ଜାହିର କରିବାକୁ ସବୁବେଳେ ଉଦ୍ୟମ କରି ଆସୁଛି। ଏଭଳି ସ୍ଥିତିରେ ସାଧାରଣ ନିର୍ବାଚନ ବେଳେ ଗାଁ ଲୋକେ ଦୁଇପଟେ ଭୋଟ ଦେବା ଘଟଣା ଚର୍ଚ୍ଚାକୁ ଆସିଛି। ଅବଶ୍ୟ ଅନ୍ୟ ସାଧାରଣ ନିର୍ବାଚନରେ ଏଭଳି ସ୍ଥିତି ପୂର୍ବରୁ ଏଠାରେ ଦେଖିବାକୁ ମିଳିଛି।

ଓଡ଼ିଶା ମାନଚିତ୍ରରେ ଶଙ୍ଖାମେଦୀ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ସୀମା ବିବାଦ ଘେରରେ ଥିବା ଏହି ଗାଁ ସମେତ ଉଦୟପୁର, ସାହାବାଜିପୁର, ଦକ୍ଷିଣସରିଷା, ବାଜିତ୍‌ପୁର, ନରସିଂହପୁର, ପାଣିଷଣ୍ଡା, ଶଗଡ଼ାସାହି ଗାଁର କେତେକ ଭୋଟର ରବିବାର ସେଠାକାର ଲୋକସଭା ଆସନ ଲାଗି ଭୋଟ ଦେଇଥିବା କୁହାଯାଉଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ରାଇବଣିଆ ଓ ଅନ୍ୟ ସୀମାନ୍ତ ଗାଁର ଲୋକେ ପଶ୍ଚିମମେଦିନୀପୁର ଲୋକସଭା ଆସନ ଲାଗି ଭୋଟ ଦେଇଥିବା ଜଣାପଡିଛି।

ଓଡ଼ିଆ ଭାଷା ଓ ସଂସ୍କୃତିକୁ ଆଦର କରୁଥିବା ଉପାନ୍ତ ଗାଁର ଲୋକଙ୍କୁ ଓଡ଼ିଶା ସରକାର ସ୍କୁଲ, ଅଙ୍ଗନୱାଡ଼ି, ରାଶନକାର୍ଡ଼, ଭତ୍ତା, ଶୌଚାଗାର ଓ ବିଦ୍ୟୁତ୍ ସୁବିଧା ଯୋଗାଇ ଆସୁଛନ୍ତି। ୧୯୬୨ ମସିହାରୁ ଶଙ୍ଖାମେଦୀ ଗାଁରୁ ମଧ୍ୟ ରାଜସ୍ୱ ଆଦାୟ ବନ୍ଦ ରଖାଯାଇଛି। ଏହା ସତ୍ତ୍ୱେ ପ୍ରଶାସନିକ ସ୍ତରରେ ଅଣଦେଖା ଯୋଗୁ ପଶ୍ଚିମବଙ୍ଗ ସରକାର ଏସବୁ ଉପାନ୍ତ ଗ୍ରାମବାସୀଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଆପଣାର କରିବାକୁ ଚେଷ୍ଟା କରି ଆସଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଶଙ୍ଖାମେଦୀ ଗ୍ରାମରେ ବସବାସ କରୁଥିବା ତଫସିଲଭୁକ୍ତ ଜାତିର ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଓଡ଼ିଶା ସରକାର ଜାତିଗତ ପ୍ରମାଣପତ୍ର ଭଳି ଆବଶ୍ୟକ ସୁବିଧା ଦେଇ ପାରୁ ନ ଥିବାରୁ ଅନେକ ବାଧ୍ୟ ହୋଇ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଥିବା କହିଛନ୍ତି। କାମଧନ୍ଦା ଅଭାବରୁ ଅନେକ ଉପାନ୍ତବାସୀ ଅନ୍ୟତ୍ର ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଏ ସମ୍ପର୍କରେ ଶଙ୍ଖାମେଦୀ ଗାଁର ୱାର୍ଡ଼ମେମ୍ବର ଅଜୟ ଜେନାଙ୍କୁ ଯୋଗାଯୋଗ କରିବାରୁ ପଶ୍ଚିମବଙ୍ଗ ନିର୍ବାଚନରେ ଗାଁର କେତେକ ଲୋକେ ଭୋଟ ଦେଇଥିବା ସ୍ୱୀକାର କରି ଓଡ଼ିଶା ସରକାର ଏଥିପ୍ରତି ସଚେତନ ରହିବା ଆବଶ୍ୟକ ବୋଲି କହିଛନ୍ତି।

# ମା' ଘର ପକ୍ଷରୁ ବିଶ୍ୱ ମାତୃ ଦିବସ


ବିଶ୍ୱ ମାତୃ ଦିବସରେ ମଞ୍ଚାସୀନ ଅତିଥି।

**ବାଲେଶ୍ୱର ଅଫିସ, ୧୨।୫**

ବାଲେଶ୍ୱର ଗାନ୍ଧି ସ୍ମୃତି ଭବନଠାରେ ମା' ଘର ଫାଉଣ୍ଡେଶନ ଟ୍ରଷ୍ଟ ବାଲେଶ୍ୱର ଶାଖା ପକ୍ଷରୁ ରବିବାର ବିଶ୍ୱ ମାତୃ ଦିବସ ଓ ତୃତୀୟ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ ଅଧକ୍ଷା ଋତୁପର୍ଣ୍ଣା ମହାନ୍ତିଙ୍କ ପୌରୋହିତ୍ୟରେ ଶାନ୍ତି ପ୍ରତିଷ୍ଠାରେ ମାତାପିତାଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ବକ୍ତା ଭାବେ ଡ. ସେବା ମହାପାତ୍ର, ସାମାଜିକ କର୍ମୀ ପ୍ରୀତିଛନ୍ଦା ଧଳ, ମଧୁଲିତା ପରିଡ଼ା, ଡ. ସୁପ୍ରଭା ଦାସ ପ୍ରମୁଖ ଯୋଗଦେଇ ବିଶ୍ୱ ମାତୃ ଦିବସ ପାଳନର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ଦିଗରେ ବକ୍ତବ୍ୟ ରଖିଥିଲେ।

ମହିୟସୀ ମହିଳା ବିଷ୍ଣୁପ୍ରିୟା ଦଳେଇ, ରଞ୍ଜୁଲତା ଦାସ, ଶାରଦାମଣି ପ୍ରଧାନ, ଲକ୍ଷ୍ମୀପ୍ରିୟା ବାରିକ, କୌଶଲ୍ୟା ଦାସ, କୁନ୍ଦଲତା ଦାସ, ଦ୍ରୌପଦୀ ପାଢ଼ୀ, ସରସ୍ୱତୀ ସାହୁ ଓ ଶ୍ରୀମତୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମା' ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ସମେତ ମଞ୍ଚାସୀନ ସମ୍ମାନିତ ବକ୍ତାଙ୍କୁ ନିର୍ମଳ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଅଧକ୍ଷା ମହାନ୍ତି ମା' ଘର ବାଲେଶ୍ୱର ଶାଖାର ନୂତନ କର୍ମକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀଙ୍କ ନାମ ଘୋଷଣା କରିଥିଲେ। ଜିଲା ସଭାନେତ୍ରୀ ଭାବେ ଜ୍ୟୋତିର୍ମୟୀ ପଟ୍ଟନାୟକ, ସମ୍ପାଦିକା ଚାନ୍ଦିନୀ ରାଉତ, ଉପ-ସଭାନେତ୍ରୀ ସ୍ମୃତି ଦାସ, ଉପଦେଷ୍ଟା ବିପ୍ଳବ କୁମାର ମହାନ୍ତି, ରବୀନ୍ଦ୍ର କୁମାର ରାୟ, ରଞ୍ଜନ ବାଗ୍, ଡ. ପ୍ରଫୁଲ୍ଲ ଆଚାର୍ଯ୍ୟ, ଡ. ପ୍ରହ୍ଲାଦ ମହାନ୍ତି, ଡ. ସୁପ୍ରଭା ଦାସ, ଅନୁସୂୟା ନାୟକ, ସଞ୍ଜୟ ସାହୁ, ସଂଗ୍ରାମ ଦାସ, ଦୀପ୍ତି ଦାସ, ସୈରିନ୍ଧ୍ରୀ ସାହୁ, ଗୋବିନ୍ଦ ଦଳେଇ ଓ ବିକ୍ରମ ଦାସ ପ୍ରମୁଖ ମନୋନୀତ ହୋଇଥିଲେ। ଲିଗାଲ୍ କମିଟିରେ ପ୍ରକାଶ ମିଶ୍ର, ପର୍ଶୁରାମ ପ୍ରଧାନ, ଦେବଶ୍ରୀ ବ୍ରହ୍ମା, ଅସିତ୍ ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

## ଗଣମାଧ୍ୟମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ

**ସଜନାଗଡ଼, ୧୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରାଜବରହମ୍ପୁର ଥାନା ଅଞ୍ଚଳର ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ରବିବାର ଅପରାହ୍ନ ସମୟରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ମାଝି ସାଙ୍ଗମାନଙ୍କ ସହ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ସେଠାରେ ୩ଜଣ ଯୁବକ ତାଙ୍କୁ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଲୁହା ରଡ୍ ଓ ବେଲ୍ଟରେ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ତାଙ୍କୁ ଜୀବନରୁ ମାରିଦେବେ ବୋଲି ମଧ୍ୟ ଧମକ ଦିଆଯାଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। କୁଲଡ଼ିହା ସଂରକ୍ଷିତ ଜଙ୍ଗଲରେ କାଠ ମାଫିଆଙ୍କ ରାଜୁତି ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲା। ପରେ ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରାକାଠ ସିଜ୍ କରାଯାଇଥିଲା। ଉକ୍ତ ଘଟଣାକୁ ନୀଳଗିରିର ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରୂପ୍‌ସା, ୧୨।୫(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କଷିପଦା ପଞ୍ଚାୟତ ଅନ୍ତର୍ଗତ ହାତିଆଡ଼ିହା ଗ୍ରାମର ବ୍ଲକ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୪ମାସ ଧରି ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରି ସୁନାମ ଅର୍ଜନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପାଣିଗ୍ରାହୀ ପେଶାରେ ଜଣେ ଶିକ୍ଷକ ହୋଇଥିଲେ ମଧ୍ୟ ସଙ୍ଗୀତ ଥିଲା ତାଙ୍କର ନିଶା। ଜଣେ ସଙ୍ଗୀତଜ୍ଞ ଭାବେ ସମଗ୍ର ଓଡ଼ିଶାରେ ସେ ଖ୍ୟାତି ଅର୍ଜନ କରିଛନ୍ତି। ୫ବର୍ଷ ଧରି ସେ ବାଲିଆପାଳ ଓ ରାସଗୋବିନ୍ଦପୁର ବ୍ଲକର ସହ ଶିକ୍ଷାଧିକାରୀ ଭାବେ ଅବସ୍ଥାପିତ ହୋଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଗତ ୧୯୮୩ ଜୁଲାଇ ୧ ତାରିଖରୁ ୨୦୧୩ ନଭେମ୍ବର ୧୦ତାରିଖ ପର୍ଯ୍ୟନ୍ତ କଷିପଦା ପଞ୍ଚାୟତ ସୁଲୋଚନା ନୋଡ଼ାଲ ସ୍କୁଲରେ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିଲେ।

## ସେଲ୍‌ଫି କର୍ଣ୍ଣର


କିଲୁ


ସାନୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଦୁର୍ଗା, ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖଇରା, ୧୨।୫(ଡି.ଏନ.ଏ.)**

ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧିନ କେନ୍ଦୁଭଦଳି ଗ୍ରାମରେ ଦୁର୍ଗା, ହନୁମାନ ମନ୍ଦିର ପ୍ରତିଷ୍ଠା ଓ ନୂତନ ଗୃହ ପ୍ରବେଶ ଉତ୍ସବ ଶଶିକାନ୍ତ ଦାସ, ଅସିମା ଦାସଙ୍କ ଅବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ଏକ କଳସ ଶୋଭାଯାତ୍ରା ଗ୍ରାମରେ ଥିବା ମହାଦେବ ପୋଖରୀ ନିକଟରୁ ବାହାରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲା। ଏଥିରେ ଗଦାଧର ଦାସ, ବିମଳା ଦାସ, ଗଙ୍ଗାଧର ଦାସ, ସତ୍ୟଭାମା ଦାସ, ସୁକାନ୍ତ ଦାସ, ସରିତା ଦାସ, ଗଙ୍ଗାଧର ଦାସ, ପ୍ରମିଳା ଦାସ, ଲକ୍ଷ୍ମୀଧର ନାୟକ, ମନୋରମା ନାୟକ, ଚିତ୍ତରଞ୍ଜନ ଦାସ, ମାନସୀ ଦାସ, ପ୍ରଦିପ ଦାସ, ପ୍ରଭାସିନି ଦାସ, ରମାକାନ୍ତ, ପ୍ରତିମା, କମଳାକାନ୍ତ, ଗାୟତ୍ରୀ ପ୍ରମୁଖ ଘଟୋତ୍ତଳନ କରିଥିଲେ। ପୁରୋହିତ ରମାକାନ୍ତ ପଣ୍ଡା, ଉମାକାନ୍ତ ପଣ୍ଡା, ଜନ୍ମେଜୟ ଦାଶ, କମଳାକାନ୍ତ କର, ବାଞ୍ଛାନିଧି ଦାଶ, ବିରଞ୍ଚି ନାରାୟଣ ପଣ୍ଡା ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମର ମହେନ୍ଦ୍ର ପ୍ରସାଦ ଦାସଙ୍କ ଘରେ ପୂଜା ପାଉଥିବା ଭାଗବତ ଗାଦି ଓ ଦୁର୍ଗାଙ୍କର ଫଟୋଚିତ୍ର ନୂତନ ମନ୍ଦିରକୁ ଗୃହ ପ୍ରବେଶ କରାଯାଇଥିଲା। ଦିବସ ବ୍ୟାପି କାର୍ଯ୍ୟକ୍ରମକୁ କମଳାକାନ୍ତ ଦାସ, ହିମାଂଶୁ କୁମାର ଦାସ, ସସ୍ମିତା ଦାସ, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଶଙ୍କର୍ଷଣ ବାରିକ, ତପନ ଦାସ, ଈଶ୍ୱର ବେହେରା, ରଶ୍ମିତା ଦାସ, ଅଭିଜିତ୍ ଦାସ, କରିସ୍ମା ଦାସ, ସୁଜିତ ଦାସ, ସଙ୍ଗିତାରାଣୀ ଦାସ, ଗିରିବାଳା ଦାସ, ସ୍ମୃତିବାଳା ଦାସ, କିରଣବାଳା ଦାସ, ବାପୁନି ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଫନୀ' ପାଇଁ ଏବିଭିପିର ପାଣ୍ଠି ସଂଗ୍ରହ, ସେବା କାର୍ଯ୍ୟ


ପାଣ୍ଠି ସଂଗ୍ରହ ଅଭିଯାନରେ ସାମିଲ ଏବିଭିପି କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୨।୫**

ସାମୁଦ୍ରିକ ଝଡ଼ 'ଫନୀ' ପ୍ରଭାବରେ ଓଡ଼ିଶାର ପୁରୀ, ଖୋର୍ଦ୍ଧା, କଟକ, ଭୁବନେଶ୍ୱର ଆଦି ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇ ଦେବା ପାଇଁ ବାଲେଶ୍ୱର ଜିଲାର ନୀଳଗିରି, ସୋର, ରସାଳପୁର ଓ ବାଲେଶ୍ୱର ନଗର ଏବିଭିପି ତରଫରୁ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଜିଲାର ୪୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳକୁ ଗସ୍ତ କରିବେ। ବିଭିନ୍ନ ଶିକ୍ଷାନୁଷ୍ଠାନକୁ ସମ୍ପୂର୍ଣ୍ଣ ପରିଷ୍କାର, ପରିଚ୍ଛନ୍ନ କରିବା ସହ ପିଲାମାନଙ୍କୁ କିଟ୍‌ବ୍ୟାଗ୍, ବହି, ଖାତା, କଲମ ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି। କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରାଯିବା ପରେ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାର ବନ୍ଦୋବସ୍ତ ହୋଇଛି ବୋଲି ଟାଉନ ସମ୍ପାଦକ ସୁବ୍ରତ କୁମାର ମାଝି ଜଣାଇଛନ୍ତି। ସହାୟତା କରିବାକୁ ଇଚ୍ଛୁକ ସଙ୍ଗଠନ, ବ୍ୟକ୍ତି ଏବିଭିପି ରିଲିଫ୍ ଫଣ୍ଡ ସହ ସମ୍ପର୍କ କରିବାକୁ ସେ ଅନୁରୋଧ କରିଛନ୍ତି।

## ସୁନ୍ଦରୀ ପଶ୍ଚିମା ଦେବୀପୀଠର ବାର୍ଷିକ ଉତ୍ସବ

**ଔପଦା, ୧୨।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତର ପ୍ରସିଦ୍ଧ ସୁନ୍ଦରୀ ପଶ୍ଚିମାଦେବୀ ପୀଠର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ପାରମ୍ପରିକ ପୂଜା ଉପାସନା ସହ ଯଥାବିଧି ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବହୁ ଶ୍ରଦ୍ଧାଳୁ ଦଶାନାର୍ଥୀଙ୍କ ଦେବୀ ପୀଠରେ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁ ଦର୍ଶନାର୍ଥୀଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ମୟୂରଭଞ୍ଜ ଓ ବାଲେଶ୍ୱର ସୀମାନ୍ତ ନିକଟବର୍ତ୍ତୀ ଏହି ପାହାଡ଼ିଘାଟି ନିକଟସ୍ଥ ମା'ଙ୍କ ପୀଠରେ ପ୍ରାୟ ସବୁ ଗାଡ଼ି ମୋଟର ଅଟକି ମା'ଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇ ଘାଟି ଉପରୁ ତଳ ଯିବା ଆସିବା କରନ୍ତି। ଏଣୁ ମା'ଙ୍କ ମହିମା ଯାତ୍ରୀମାନଙ୍କୁ ବେଶ୍ ଅଭୟ ପ୍ରଦାନ କରିଥାଏ। ଏଣୁ ଭକ୍ତପୀଠର ବାର୍ଷିକ ଉତ୍ସବ ପାଇଁ ଅନେକ ଶ୍ରଦ୍ଧାଳୁ ଅକୁଣ୍ଠ ଦାନ ଦେଇଥାନ୍ତି। ଏବର୍ଷ ମା'ଙ୍କ ପୀଠରେ ବାର୍ଷିକ ଉତ୍ସବ ଯଥାରୀତି ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ପୂଜକ ଦେଉରୀ ନଟବର ଗିରି କୃତଜ୍ଞତା ଜଣାଇଛନ୍ତି।

## ସଂକ୍ଷେପରେ

### ବୋଲେରୋ-ଦଶଚକିଆ ଧକ୍କା: ଜଣେ ମୃତ

**ଆନନ୍ଦପୁର,୧୨। ୫(ସ୍ୱ.ପ୍ର.)-** ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୁଳ ଛକ ନିକଟରେ ଏକ ବୋଲେରୋ ଓ ଦଶଚକିଆ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ଘସିପୁରା ଅଞ୍ଚଳର ଏକ ବୋଲେରୋ ଜଣେ ରୋଗୀଙ୍କୁ ନେଇ କଟକ ଡାକ୍ତରଖାନାରେ ଛାଡି ଫେରୁଥିବାବେଳେ ସାଇଁକୁଳ ଛକଠାରେ ବୋଲେରୋ ଗାଡିଟି ଭୁଲ ଟ୍ରାକରେ ଯିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଦଶଚକିଆ ଗାଡି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବୋଲେରୋ ଗାଡିରେ ବସିଥିବା ସିଦ୍ଧାନ୍ତ ପାତ୍ର ନାମକ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବାବେଳେ ଗାଡି ଚାଳକ ଗୁରୁତର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ରାମଚନ୍ଦ୍ରପୁର ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ଦୁର୍ଘଟଣାରେ ବୋଲେରୋ ଗାଡିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।

### ନାବାଳକଙ୍କ ମୃତଦେହ ବ୍ୟବଚ୍ଛେଦ କରାଗଲା

**କେନ୍ଦୁଝର, ୧୨।୫(ଡି.ଏନ୍.ଏ.)-** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ପଞ୍ଚାୟତର ମୋତିଟାଙ୍ଗରଠାରେ ରହୁଥିବା ଶୁକଦେବ ମୁଣ୍ଡାଙ୍କ ୧୩ବର୍ଷର ପୁଅ ରତ୍ନା ମୁଣ୍ଡା କାମ କରିବାକୁ ଯାଇଥିବା ସମୟରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ସୁନ୍ଦରଗଡ ଜିଲା କେ-ବଲାଙ୍ଗ ଥାନା ବାଜିନିଆ ଗ୍ରାମର ଜଣଙ୍କ ଘରେ ରତ୍ନା ଗତ ୮ମାସ ହେବ କାମ କରୁଥିଲେ। ଗତ ୮ ତାରିଖ ଦିନ ସେ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ଘର ମାଲିକ ବହୁ ଖୋଜାଖୋଜି କରିବାପରେ ୯ ତାରିଖ ଦିନ ନିକଟସ୍ଥ ଏକ କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ରତ୍ନାଙ୍କ ମୃତଦେହକୁ କେନ୍ଦୁଝର ଆଣି ଗତ ୧୧ତାରିଖି ସକାଳ ସମୟରେ ତାଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମୋତିଟାଙ୍ଗରଠାରେ ପୋତି ଦେଇଥିଲେ। ତେବେ ଶନିବାର ସକାଳେ ଗ୍ରାମବାସୀମାନେ ଏ ସମ୍ପର୍କରେ ଜାଣି ସନ୍ଦେହ ପ୍ରକଟ କରି ସେଠାରୁ ଆସିଥିବା ଲୋକ ଓ ଗାଡିକୁ ଅଟକ ରଖି ଟାଉନ ପୋଲିସକୁ ଖବର ଦେଇଥିଲେ। ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତ ନାବାଳକଙ୍କ ମୃତଦେହ ଗାତରୁ ଖୋଳି ଉଦ୍ଧାର କରିଥିଲେ। ଟାଉନ ପୋଲିସ ରବିବାର ନାବାଳକଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଡମ୍ପର ଚୋରି ଘଟଣା
### ୪ ଅଭିଯୁକ୍ତ ଗିରଫ, ୬୫ ହଜାର ଟଙ୍କା ଜବତ

**ଯୋଡ଼ା, ୧୨।୫(ଡି.ଏନ.ଏ.)-**କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜରିବାହାଲ ଅଞ୍ଚଳରୁ ଡମ୍ପର ଚୋରି ହୋଇଥିବା ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କଠାରୁ ୬୫ହଜାର ଟଙ୍କା ଜବତ କରିଛି। ସେମାନେ ହେଲେ ଆନ୍ତଃରାଜ୍ୟ ୨ ଅଭିଯୁକ୍ତ ସୁନୀଲ ଜୟସ୍ୱାଲ ଓରଫ ଛୋଟଲାଲା, ଶିବ୍ କୁମାର, ପାଲ ମୁକୁନ୍ଦଙ୍କ ସମେତ ସ୍ଥାନୀୟ ଜରିବାହାଲ ଅଞ୍ଚଳର ରାହୁଲ ମହାନ୍ତ। ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଶନିବାର ରାତିରେ ଦେଇଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଗତ ଏପ୍ରିଲ ୨୪ ତାରିଖରେ ଡମ୍ପର ନଂ ଓଆର ୦୯ଜି ୩୮୬୦କୁ ଜରିବାହାଲ ପାର୍କିଂରୁ ଚୋରି କରି ନେଇ ଝାଡ଼ଖଣ୍ଡ ରାଜ୍ୟର ବଡ଼ଜାମଦାଠାରେ ଥିବା ଏକ କବାଡ଼ିଆ ଦୋକାନରେ ୯୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ବାମେବାରୀ ପୋଲିସ ଏକ ଚୋରି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି।

### ପେନସନ ଅଦାଲତ ଅନୁଷ୍ଠିତ

**କେନ୍ଦୁଝର, ୧୨।୫(ଡି.ଏନ୍.ଏ.)-** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଅବସର ନେଇଥିବା କର୍ମଚାରୀମାନଙ୍କର ସ୍ୱତନ୍ତ୍ର ପେନସନ ଅଦାଲତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। । ଏହି ଅଦାଲତରେ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସମେତ ଡିଇଓ ଅଫିସର ମୁଖ୍ୟ କିରାଣୀ ଶରତ ଚନ୍ଦ୍ର ନାୟକ, ବରିଷ୍ଠ କିରାଣୀ ଚିନ୍ତାମଣୀ ପଣ୍ଡା, ଗଙ୍ଗାଧର ସାହୁ, ଇନ୍ଦ୍ରମଣି ପରିଡା, ପ୍ରଦୀପ ପରିଡା, କୌସ୍ତୁଭ ସାହୁ ଏବଂ ସମସ୍ତ ବିଇଓ ଅଫିସର କର୍ମଚାରୀମାନେ ଯୋଗଦେଇ ଅଭିଯୋଗମାନ ବିଚାର କରିଥିଲେ।

# ସଜଡ଼ା ଯାଉନି ଟ୍ରାନ୍ସଫର୍ମର

## ବିଦ୍ୟୁତ୍ ଉପଭୋକ୍ତା ହଇରାଣ

**ଝୁମ୍ପୁରା, ୧୨।୫(ଡି.ଏନ.ଏ.)**

ବିଦ୍ୟୁତ ବିତରକ କମ୍ପାନୀ ନେସ୍କୋର ମନମୁଖି ନୀତି ସୀମା ଟପିଗଲାଣି। ମେରିରାୟ ନୀତିରେ ବିଦ୍ୟୁତ ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ନେସ୍କୋ କେବଳ ବିଦ୍ୟୁତ ଦେୟ ଆଦାୟରେ ବ୍ୟସ୍ତ ରହୁଥିବାବେଳେ ବିଦ୍ୟୁତ ଉପଭୋକ୍ତାଙ୍କର ସେବା ପାଇଁ ଆଖି ବୁଜି ଦେଇଛି। ପ୍ରବଳ ଗରମ ସହିତ ଅସହ୍ୟ ତାତିରେ ଜନଜୀବନ ଛଟପଟ ହେଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ଯୋଗୁ ସାଧାରଣ ଜୀବନ ଦୁର୍ବିଷହ ହୋଇ ପଡୁଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସୁଧୁରୁନାହିଁ ବିଦ୍ୟୁତ ବିଭାଗ।

ସୂଚନା ଯୋଗ୍ୟ ଝୁମ୍ପୁରାସ୍ଥିତ ନେସ୍କୋର ବିଦ୍ୟୁତ୍ ଷ୍ଟ୍ରକଚର୍‌ରେ ୩ଟି ଫିଡର ରହିଛି। ନିୟମ ଅନୁଯାୟୀ ୩ଟି ଫିଡରରେ ୩ଟି ପାୱାର ଟ୍ରାନ୍ସଫର୍ମରରେ କାମ ଚଳାଇ ନିଆ ଯାଉଥିଲା। ୨ମାସ ହେଲା ସେହି ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ଗୋଟିଏ ୩.୧୫ ଏମଭିଏ ପାୱାର ଟ୍ରାନ୍ସଫର୍ମର ପୋଡି ଯାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୋଡିଯାଇଥିବା ପାୱାର ଟ୍ରାନ୍ସଫର୍ମରକୁ ଷ୍ଟ୍ରକଚର୍‌ରୁ ହଟାଯାଉନାହିଁ କିମ୍ବା ସଜଡା ଯାଉନାହିଁ। ଏବେ ଗୋଟିଏ ପାୱାର ଟ୍ରାନ୍ସଫର୍ମର ଉପରେ ସମୁଦାୟ ୩ଟି ଫିଡରର ଲୋଡ ଦିଆଯାଇ ବିଦ୍ୟୁତ୍ ଯୋଗାଣ ଚାଲିଛି। ଓଭରଲୋଡ ରହୁଥିବାରୁ ବାରମ୍ବାର ବିଦ୍ୟୁତ ସରବରାହ ବନ୍ଦ ହେଉଛି। ଏପରିସ୍ଥଳେ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ ଯୋଗାଣ ଚାଲିଥିବା ପାୱାର ଟ୍ରାନ୍ସଫର୍ମର ପୋଡି ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଏପରି ହେଲେ ଝୁମ୍ପୁରା ଷ୍ଟ୍ରକଚର ଉପରେ ନିର୍ଭରଶୀଳ ଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତା ଅନ୍ଧାରକୁ ଚାଲିଯିବେ। ଏ ନେଇ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ବିଦ୍ୟୁତ ଉପଭୋକ୍ତା ବାରମ୍ବାର ନେସ୍କୋ କର୍ତ୍ତୃପକ୍ଷଙ୍କୁ ଭେଟିଛନ୍ତି ହେଲେ । କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତିରେ କାମ ଚଳାଇ ନେଉଛନ୍ତି।

ଏ ସମ୍ପର୍କରେ କେନ୍ଦୁଝରସ୍ଥିତ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ ଏବଂ ଯୋଡାସ୍ଥିତ ନେସ୍କୋ ନିର୍ବାହୀ ଯନ୍ତ୍ରୀ ଏ.କେ. ମହାନ୍ତଙ୍କୁ ପଚାରିବାରୁ ସେହି ପୁରୁଣା ପ୍ରତିଶ୍ରୁତି ଦୋହରାଇ କହିଛନ୍ତି ଯେ, ପ୍ରୟାସ ଜାରି ରହିଛି। ଆଉ ଗୋଟିଏ ପାୱାର ଟ୍ରାନ୍ସଫର୍ମର ଲଗାଯିବ। ଅସନ୍ତୁଷ୍ଟ ବିଦ୍ୟୁତ ଉପଭୋକ୍ତା ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଜିଲା ପ୍ରଶାସନ ଏବଂ ନେସ୍କୋ କର୍ତ୍ତୃପକ୍ଷଙ୍କୁ ଚେତାଇ ଦେଇଛନ୍ତି।



ଝୁମ୍ପୁରା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ସାପ ଧରିବା ସୁଙ୍ଗୁରୁଙ୍କ ନିଶା

**କେନ୍ଦୁଝର, ୧୨।୫ (ସ୍ୱ.ପ୍ର.)**

ନିଶା ସାପ ଧରିବା। ଆମ ଚାରିପାଖରେ ସବୁ ପ୍ରାଣୀଙ୍କର ବଞ୍ଚିବାର ଅଧିକାର ଅଛି। ସାପମାନେ ବିଷାକ୍ତ ହୋଇଥିବାରୁ ଲୋକେ ଦେଖିବାକ୍ଷଣି ଠେଙ୍ଗା, ବାଡ଼ି ଧରି ମାରିପକାନ୍ତି। ସାପକୁ ମାରିବା ଉଚିତ ନୁହେଁ । ସେମାନଙ୍କର ମଧ୍ୟ ବିଚରଣ କରିବାର ଅଧିକାର ରହିଛି ବୋଲି ସୁଙ୍ଗୁରୁ ନାଏକ କହିଛନ୍ତି। ପେସା ଅଲଗା ଥିଲେ ମଧ୍ୟ ନିଶା ତାଙ୍କର ସାପ ଧରି ଜଙ୍ଗଲରେ ଛାଡ଼ିବା। ପିଲାଦିନରୁ ପାଣିରେ ଖେଳିବା ବେଳେ ସେ ବହୁତ ଧଣ୍ଡ ସାପ ଧରନ୍ତି। ଏଣୁ ପିଲାଦିନରୁ ସାପ ପ୍ରତି ଭୟ ନାହିଁ। କେଉଁ ସ୍ଥାନରେ ସାପ ବାହାରିଲେ ସେ ପହଞ୍ଚି ଗୋଟିଏ ବାଡି ସାହାଯ୍ୟରେ ସାପକୁ ଧରି ବସ୍ତାରେ ଭର୍ତ୍ତି କରି ଅନ୍ୟ ସ୍ଥାନରେ ଛାଡି ଦେଇଥାନ୍ତି।

ଏମିତି ଜଣେ ବ୍ୟକ୍ତି ହେଲେ ସୁଙ୍ଗୁରୁ। ତାଙ୍କ ଘର ପାଟଣା ବ୍ଲକ ଟାଙ୍ଗରପଡା ଗ୍ରାମରେ। ସେ କେନ୍ଦୁଝର କଲେଜ ରୋଡସ୍ଥିତ ସାହୁ ଜଳଖିଆ ଦୋକାନରେ କାମ କରନ୍ତି। ବିଷାକ୍ତ ସାପର ମୁଣ୍ଡକୁ ସେ କୌଶଳ କ୍ରମେ ଧରି ବସ୍ତାରେ ଭର୍ତ୍ତି କରିଥାନ୍ତି। ଚିତି, ଗୋଖର, ଅଜଗର ଆଦି ସାପ ଧରି ଜଙ୍ଗଲରେ ଛାଡିଛନ୍ତି। ସାପ ବାହାରିବା ଖବର ପାଇଲେ ପହଞ୍ଚି ଯାଆନ୍ତି। ଲୋକମାନେ ମାରିଦେବେ ଭାବି ତୁରନ୍ତ ପହଞ୍ଚି ସାପକୁ ଧରି ପକାନ୍ତି। ପାଠ କମ ପଢିଥିଲେ ହେଁ ତାଙ୍କର ଆଗ୍ରହ ଥିବାରୁ ଧରିପାରୁଥିବା ସେ କହିଛନ୍ତି।




ସୁଙ୍ଗୁରୁ ନାଏକ।

# ଧୂଳିଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ



ଜାତୀୟ ରାଜପଥରେ ଧୂଳି ଉଡ଼ି କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି ।

**ପାଟଣା ୧୨।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏହି ସମ୍ପ୍ରସାରଣ କାର୍ଯ୍ୟ ଖିରେଇଟାଙ୍ଗିରୀ ଠାରୁ ତୁରୁମୁଙ୍ଗା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣକୁ ସାମିଲ କରାଯାଇଛି। ଏହି ସମ୍ପ୍ରସାରଣ କାର୍ଯ୍ୟକୁ ମଣ୍ଟେକାର୍ଲୋ ନାମକ ଏକ ଠିକାଦାର କମ୍ପାନୀ ଦୀର୍ଘଦିନ ହେବ ରାସ୍ତା ନିର୍ମାଣ କାର୍ଯ୍ୟ କରିଆସୁଛି। କମ୍ପାନୀର ଖାମଖିଆଲି ମନୋଭାବ ଯୋଗୁ ଏବେ ସ୍ଥାନୀୟ ବାସିନ୍ଦାଙ୍କ ସହ ପଥଚାରୀ, ବାଇକ ଚାଳକ ଓ ସାଇକେଲ ଆରୋହୀଙ୍କୁ ଧୂଳି ଧୂଆଁରେ ଅଣନିଃଶ୍ୱାସୀ ହେବାକୁପଡୁଛି। ଗ୍ରାମ ଗୁଡିକ ଧୂଳୀରେ ପ୍ରଭାବିତ ହୋଇ କୃତ୍ରିମ କୁହୁଡିର ଭ୍ରମ ମଧ୍ୟ ସୃଷ୍ଟି କରୁଛି। ଏହି ଧୂଳିକୁ ରୋକିବା ପାଇଁ ସମ୍ପୃକ୍ତ ଠିକାଦାର ସଂସ୍ଥା ତରଫରୁ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କମ୍ପାନୀ ତରଫରୁ ରାସ୍ତା ଉପରେ ଦୁଇଓଳି ପାଣି ସିଞ୍ଚନ କରିବାକୁ ଦାବି ହେଉଛି।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ କର୍କଟ ରୋଗରେ ମୃତ୍ୟୁ

**ପାଟଣା,୧୨।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ସ୍ଥିତ ଦେଓଗାଁ ସାହିର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଭାନୁମତି ପାଣିଗ୍ରାହୀ(୬୫)ଙ୍କର ଶନିବାର ସକାଳେ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଦୀର୍ଘ ଦିନରୁ ଫୁସଫୁସ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ସେ ଅବସର ପ୍ରାପ୍ତ ଶିକ୍ଷକ ପସନ୍ନ ପାଣିଗ୍ରାହୀଙ୍କ ସ୍ତ୍ରୀ ଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଶନିବାର ସନ୍ଧ୍ୟାରେ ରାଜନଗର ସ୍ଥିତ ବୈତରଣୀ ନଦୀର ସୌବ୍ୟା କାବେରୀ ଘାଟରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ମଧ୍ୟମ ପୁତ୍ର ରତ୍ନରାଜ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ। ଅନ୍ତେଷ୍ଟି କ୍ରିୟାରେ ୩ପୁଅ, ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ।

### ଗଛହଣାକୁ କେନ୍ଦ୍ରକରି ଗଣ୍ଡଗୋଳ
# ସାନଭାଇର ଆକ୍ରମଣରେ ବଡ଼ଭାଇ ମୃତ

**ଆନନ୍ଦପୁର,୧୨।୫(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଗୟଳମୁଣ୍ଡା ପଞ୍ଚାୟତର ମାନାଡିହି ଗ୍ରାମରେ ଗଛ ହଣାକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ସାନଭାଇର ଆକ୍ରମଣରେ ବଡଭାଇ ପ୍ରାଣ ହରାଇଛନ୍ତି। ସୂଚନାଯୋଗ୍ୟ, ମାନାଡିହି ଗ୍ରାମର ଜିତେନ୍ଦ୍ର ହୋ ଏବଂ ସାନଭାଇ ସମ୍ବରା ହୋଙ୍କ ମଧ୍ୟରେ ଗଛହଣାକୁ ନେଇ ମାରପିଟ ହୋଇଥିଲା। ସମ୍ବରାଙ୍କ ବାଡିରେ ଥିବା ଏକ ଗଛକୁ ଜିତେନ୍ଦ୍ର ହାଣିଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ବରା ଓ ତାଙ୍କ ପୁଅ ମିଶି ଜିତେନ୍ଦ୍ରଙ୍କୁ ଏକ କାଠଫାଳିଆରେ ପିଟିଥିଲେ। ଫଳରେ ସେ ଅଚେତ ହୋଇପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିତେନ୍ଦ୍ରଙ୍କୁ ଆକ୍ରମଣ ସମୟରେ ତାଙ୍କ ସ୍ତ୍ରୀ ଓ ପୁଅ ପ୍ରତିବାଦ କରି ମଧ୍ୟ ଆହତ ହୋଇଥିଲେ। ଉଭୟ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆନନ୍ଦପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଜିତେନ୍ଦ୍ରଙ୍କ ସ୍ତ୍ରୀ ଖଜୁରୀ ହୋଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ. ୯୦/୨୦୧୯)ରୁଜୁ ହୋଇଛି। ସାନଭାଇ ସମ୍ବରା ଫେରାର ହୋଇଥିବାବେଳେ ପୋଲିସ ତାଙ୍କ ସ୍ତ୍ରୀ ସୁଶୀଳାଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି।

# କେନାଲ ମରାମତି କାମରେ ଅନିୟମିତତା

**ହାଟଡ଼ିହୀ, ୧୨।୫(ଡି.ଏନ.ଏ.)**



କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଚାଷଜମି ଗୁଡ଼ିକରେ ପାଣିର ସୁବିଧା କରିବା ନେଇ ବିଦ୍ୟାଧରପୁର ବ୍ୟାରେଜରୁ ଶାଳଣିଆଁ ଅଞ୍ଚଳକୁ ସାଳନ୍ଦୀ ନଦୀରୁ ଏକ ମୁଖ୍ୟ କେନାଲ ସଂଯୋଗୀକରଣ ହୋଇଛି। ସରକାରଙ୍କ ବହୁମୁଖୀ ଯୋଜନା ମୁତାବକ ବହୁତ ଗୁଡିଏ କାର୍ଯ୍ୟ ଚାଲୁରହିଥିବାବେଳେ ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ ପଛପାଖ ଦେଇ ଯାଇଥିବା କେନାଲ ଉପରେ କିଛି ମରାମତି କାର୍ଯ୍ୟ ଚାଲୁଅଛି । କେନାଲର ଦୁଇ ପାର୍ଶରେ ପକ୍କା କାନ୍ଥ ସହିତ କେନାଲ ଉପରେ ଥିବା ପୋଲର ତଳଭାଗରେ କଂକ୍ରିଟର ଢ଼ଳେଇ ପକାଇବା ନିମନ୍ତେ ଜଳସେଚନ ବିଭାଗରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତାହାର ନବକଳେବର କରିବା ନିମନ୍ତେ ନିର୍ଦ୍ଦେଶ ଗୃହୀତ ହୋଇଅଛି । କିନ୍ତୁ ଜଳସେଚନ ବିଭାଗର ଅଧିକାରୀମାନେ କାର୍ଯ୍ୟ ଚାଲୁଥିବା ସ୍ଥାନମାନଙ୍କୁ ପରିଦର୍ଶନରେ ବିଶେଷ ଯାଉ ନ ଥିବା ଦେଖିବାକୁ ମିଳୁଛି । ମରାମତି କାର୍ଯ୍ୟ ହେଉଥିବା ସ୍ଥାନମାନଙ୍କରେ ଠିକାଦାର, ଯନ୍ତ୍ରୀ କିମ୍ବା ଉପରିସ୍ଥ ଅଧିକାରୀ କାହାରିକୁ ଦେଖିବାକୁ ମିଳୁ ନ ଥିବାବେଳେ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସାମଗ୍ରୀର ଭାଗମାପରେ ଦୁର୍ନୀତି ହେଉଥିବା ସୂଚନା ମିଳୁଛି । ଏଣୁ ଏହି କାର୍ଯ୍ୟକୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଦାରା ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି । ଗ୍ରୀଷ୍ମଦିନର ଟାଣଖରା ସକାଶେ ଶ୍ରମିକମାନଙ୍କୁ କେତେ ସମୟ କାର୍ଯ୍ୟରେ ନିୟୋଜିତ କରିହେବ ସେ ନେଇ ସରକାର ଏକ ନିର୍ଦ୍ଦିଷ୍ଟ ସମୟସୂଚୀ ବିଜ୍ଞପ୍ତି ଜାରି କରିଛନ୍ତି। କିନ୍ତୁ ଠିକାଦାର ସରକାରଙ୍କ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ସମୟସୂଚୀ ଉପରେ ଆଦୌ ଗୁରୁତ୍ୱ ଦେଉ ନ ଥିବାବେଳେ ନିୟୋଜିତ ଶ୍ରମିକମାନଙ୍କୁ ମନଇଚ୍ଛା କାର୍ଯ୍ୟ କରାଉଥିବା ଦେଖିବାକୁ ମିଳିଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

### ଘଟଣାକୁ ସପ୍ତାହେ ବିତିଲା: ଏଯାଏ ପୋଲିସ ହାତ ଖାଲି

**ବଡବିଲ, ୧୨।୫(ସ୍ୱ.ପ୍ର.)**

ବଡବିଲ କଲେଜରୁ ଗତ ୫ ତାରିଖରେ ଫ୍ୟାନ ଚୋରି ହୋଇଥିବା ନେଇ ବଡବିଲ କଲେଜ କର୍ତ୍ତୃପକ୍ଷ ବଡବିଲ ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ସହ ସିସି କ୍ୟାମରାରେ କଏଦ ହୋଇଥିବା ଦୁର୍ବୃତ୍ତ ଦ୍ୱୟ ଫ୍ୟାନ ଖୋଲି ଚୋରି କରୁଥିବାବେଳର ଫଟୋ ଚିତ୍ର ମଧ୍ୟ ପୋଲିସକୁ ହସ୍ତାନ୍ତର ହୋଇଛି। ଦୁର୍ବୃତ୍ତ ଦ୍ୱୟଙ୍କୁ ଧରିବା ତ ଦୂରର କଥା ଚିହ୍ନଟ କରିବାରେ ମଧ୍ୟ ପୋଲିସ ବିଫଳ ହୋଇଛି। ଏକ ବିଲ୍ଡିଂରୁ ୬୫ ଟି ଫ୍ୟାନ, ୩୦ଟି ପାଣି ଟ୍ୟାପ ଓ ୩୦ରୁ ଉର୍ଦ୍ଧ୍ୱ ଏଲଇଡି ବଲ୍‌ବ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏକ ସପ୍ତାହ ବିତିଯାଇଥିଲେ ହେଁ ପୋଲିସ ହାତ ଖାଲି ପଡିଛି।

# ଆଧୁନିକ ନୃତ୍ୟ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ



ନୃତ୍ୟ କେନ୍ଦ୍ରରେ ଉପସ୍ଥିତ କଳାକାରମାନେ।

**କେନ୍ଦୁଝର, ୧୨।୫(ଡି.ଏନ୍.ଏ.)**

ସ୍ଥାନୀୟ ପ୍ରେମଲତିକା କଳାଭବନଠାରେ ବର୍ଷା ସଙ୍ଗୀତ, ନୃତ୍ୟ, ଅଭିନୟ ଓ ଟାଏକୋଣ୍ଡୋ ଅନୁଷ୍ଠାନର ନୂତନ ଆଧୁନିକ ନୃତ୍ୟ ଶିକ୍ଷା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବର୍ତ୍ତମାନ ସମାଜରେ ଟେଲିଭିଜନ, ସିନେମା ଭିତ୍ତିକ ସଙ୍ଗୀତ, ନୃତ୍ୟ, ଅଭିନୟର ସ୍ୱତନ୍ତ୍ର ଆକର୍ଷଣକୁ ଲକ୍ଷ୍ୟ ରଖି ଏହି କେନ୍ଦ୍ର ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସାର୍ଥକ ଟିଭିର ଅଭିନେତା କୈଳାଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଟିଭି ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏସ୍. ସତ୍ୟପ୍ରକାଶ, ଓଟିଭିର ଘୋଷକ ଅରବିନ୍ଦ ଜେନା ଓ କେନ୍ଦୁଝର ଜିଲା କଳାକାର ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନୀ ଉତ୍ସବକୁ ବର୍ଷା ଅନୁଷ୍ଠାନର ସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକ ସଂଯୋଜନା କରିଥିଲେ।

# ବିଭିନ୍ନ ସ୍ଥାନରେ ନାମଯଜ୍ଞ ସମାରୋହ

**ରାଇସୁଆଁ/କେନ୍ଦୁଝର, ୧୨।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତର ସାହାଡାପୁର ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ୭ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ବହୁ ସଂକୀର୍ତ୍ତନ ମଣ୍ଡଳି ଯୋଗ ଦେଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏହାକୁ ଦେଖିବାକୁ ଆଖପାଖ ଗ୍ରାମର ବହୁ ଲୋକଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଥିଲା। ବନମାଳି ସାହୁ, ଯୋଗେନ୍ଦ୍ର ସାହୁ, ଚନ୍ଦ୍ରମଣି ସାହୁ, ବିଶ୍ୱନାଥ ସାମଲ, ଦିଲିପ ଖଟୁଆଙ୍କ ସହ ଗ୍ରାମର ବହୁ ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଚାକୁଣ୍ଡାପାଳ ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି। ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ଚବିଶ ପ୍ରହର ନାମଯଜ୍ଞରେ ବମ୍ଭେ ଛକ ନିକଟସ୍ଥ ଭାଲୁବସା ଗ୍ରାମର ଝିଅ ଦଳ ସମେତ ଖଡିଆଶୁଳି, ବାଂଶଗଡ, ମିରିଗିଖୋଜି ଓ ଲୁଙ୍ଗା ପୁରୁଷ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ମହାମନ୍ତ୍ର ଜପ କରିଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରତ୍ୟହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଅଲେଖ ଚନ୍ଦ୍ର ନାୟକ,ରତ୍ନାକର ନାୟକ, ଲୋକନାଥ ନାଏକ, ଦାଶରଥି ନାୟକ, ବିଷ୍ଣୁପ୍ରସାଦ ନାୟକ, ଅଚ୍ୟୁତାନନ୍ଦ ନାୟକ, ମଧୁସୂଦନ ନାୟକ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚବିଶ ପ୍ରହର ନାମଯଜ୍ଞ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।



ସାହାଡାପୁରରେ ନାମ ସଂକୀର୍ତ୍ତନ ।

### ୪ ବର୍ଷ ପରେ ବି ମାଛ ମାର୍କେଟ ପାଇଁ ମିଳିଲାନି ଜାଗା
# ରାସ୍ତାକଡ଼ରେ ଚାଲିଛି ବେପାର

**ଚମ୍ପୁଆ, ୧୨।୫(ଡି.ଏନ.ଏ.)**



ରାସ୍ତା କଡରେ ଥିବା ମାଛ, ମାଂସ ଦୋକାନ।

ଦିନକୁ ଦିନ ମାଛ ମାଂସର ଚାହିଦା ବୃଦ୍ଧି ପାଉଥିବା ବେଳେ ଚମ୍ପୁଆ ଏନଏସିରେ ଥିବା ମାଛ, ମାଂସ ଓ କୁକୁଡା ଦୋକାନୀଙ୍କୁ ଆଜି ପର୍ଯ୍ୟନ୍ତ ସ୍ଥାୟୀଜାଗା ମିଳି ପାରି ନାହିଁ। ପ୍ରତିକୂଳ ପରିବେଶରେ ରାସ୍ତାକଡରେ ବସି ବେପାର କରୁଥିବା ଦେଖିବାକୁ ମିଳୁଛି। ପଞ୍ଚାୟତ ସମୟରୁ ଏମାନଙ୍କ ପାଇଁ ଥଇଥାନର ଦାବି ହୋଇ ଆସୁଥିଲେ ମଧ୍ୟ ଏନଏସି ଗଠନର ୪ ବର୍ଷ ପରେ ବି ଏମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏନଏସି ଗଠନ ପୂର୍ବରୁ ୯୦ ଦଶକରେ ଯୋଡା ରୋଡରେ ଓ ପରେ ଦୈନିକ ବଜାର ଓ କର ମାର୍କେଟ କମ୍ପ୍ଲେକ୍ସ ଠାରେ ଏହି ବେପାର ଚାଲୁଥିବା ବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ବଜାରଠାରୁ ଦୂର ରଜାବନ୍ଧ ନିକଟରେ ବସାଇବା ପାଇଁ ଚିନ୍ତା କରାଯାଇଥିଲା। କିନ୍ତୁ ପରେ ଚମ୍ପୁଆ ରେଖାବଣ ମଧ୍ୟରେ ତହସିଲ ପକ୍ଷରୁ ଏମାନଙ୍କ ପାଇଁ ଜାଗା ଚିହ୍ନଟ କରାଯାଇଥିଲେ ମଧ୍ୟ ସେହି ସ୍ଥାନକୁ ଅସୁରକ୍ଷିତ ଅନୁଭବ କରି ଏହି ବେପାରୀମାନେ ଉକ୍ତ ସ୍ଥାନରେ ବସିବାକୁ ନାରାଜ ହୋଇଥିଲେ। ପରେ ବେପାରୀମାନେ ପୁରୁଣା ସେଲଟାକ୍ସ ଅଫିସ ନିକଟରେ ଜାତୀୟ ରାଜପଥ କଡରେ ବେପାର କରି ଆସୁଛନ୍ତି। ପୂର୍ବ ଅପେକ୍ଷା ବର୍ତ୍ତମାନ ଆମିଷର ଅଧିକ ଚାହିଦା ରହିଥିବାରୁ ପ୍ରାୟ ୭ ରୁ ୮ ଗୋଟି କୁକୁଡା ଦୋକାନ, ୫ରୁ ୬ ଟି ଖାସି ମାଂସ ଦୋକାନ ଏବଂ ୪ ଗୋଟି ମାଛ ଦୋକାନ ଉକ୍ତ ରାସ୍ତା କଡରେ ଖୋଲାଯାଇଛି। ଏନଏସିକୁ ସ୍ଥାୟୀ ସ୍ଥାନ ଓ ଘର ଯୋଗାଇ ଦେବାକୁ ବେପାରୀମାନେ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। କିନ୍ତୁ ତାହା ପୂରଣ ହୋଇପାରୁନାହିଁ। ବେପାରୀମାନଙ୍କ କହିବା କଥା ରାସ୍ତା କଡରେ ଧୂଳି ଧୂଆଁ ମଧ୍ୟରେ ଦୋକାନ ଖୋଲିବାକୁ ପଡୁଛି। ଫଳରେ ଗ୍ରାହକମାନେ ଅନେକ ସମୟରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଏନଏସି ପକ୍ଷରୁ କୌଣସି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ ନଥିବା ଫଳରେ ଅଞ୍ଚଳଟି ପୁତିଗନ୍ଧମୟ ହୋଇ ଉଠୁଛି। ବର୍ଡରଠାରୁ ମାତ୍ର ୨୦୦ ମିଟର ପୂର୍ବରେ ଅବସ୍ଥିତ ଦୋକାନଗୁଡିକ ରହିଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ବାଧ୍ୟ ହୋଇ ଦୋକାନୀମାନେ ଅପରାହ୍ନ ୪ ଟା ପରେ ଦୋକାନ ବନ୍ଦ କରି ଦେଉଥିବା କହିଛନ୍ତି। ଫଳରେ ସନ୍ଧ୍ୟାପରେ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବା ଦେଖିବାକୁ ମିଳୁଛି। ଏ ନେଇ ଏନଏସି କାର୍ଯ୍ୟାଳୟ ପକ୍ଷରୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ସ୍ଥାନ ନିରୂପଣ କରାଯାଇଛି। ଆଗାମୀ ଦିନରେ ଭେଣ୍ଡିଂ ଜୋନ ମାଧ୍ୟମରେ ଏମାନଙ୍କୁ ଅବସ୍ଥାପିତ କରାଯିବ ବୋଲି କହିଛନ୍ତି।

